ଦାଦା ଭଗବାନ ପ୍ରରୂପିତ

# ଘର୍ଷଣ ଟାଳନ୍ତୁ



କାହାରି ସହ ବି ଘର୍ଷଣ ହୋଇଯାଏ, ତାହା ନିଜର ଅଜ୍ଞାନତାର ପରିଚୟ ଅଟେ ।

Oriya

ଦାଦା ଭଗବାନ ପ୍ରରୂପିତ

# ଘର୍ଷଣ ଟାଳନ୍ତୁ

ସଙ୍କଳନ : ଡା. ନୀରୁବେନ ଅମୀନ

**ପ୍ରକାଶକ : ଶ୍ରୀ ଅଜିତ୍ ସି. ପଟେଲ**
**ଦାଦା ଭଗବାନ ଆରାଧନା ଟ୍ରଷ୍ଟ**
୫, ମମତା ପାର୍କ ସୋସାଇଟୀ, ନବଗୁଜରାଟ
କଲେଜ ପଛ, ଉସ୍ମାନପୁରା,
ଅହମଦାବାଦ୍-୩୮୦୦୧୪, ଗୁଜରାଟ
**ଫୋନ୍ :** (୦୭୯) ୩୯୮୩୦୧୦୦

© All Rights reserved - Deepakbhai Desai
Trimandir, Simandhar City Ahmedabad-Kalol Highway,
Adalaj, Dist- Gandhinagar-382421, Gujarat, India
*No part of this book may be used or reproduced in any manner whatsoever without written permission from the holder of the copyrights.*

**ଦ୍ୱିତୀୟ ସଂସ୍କରଣ : ବହି ସଂଖ୍ୟା ୨୦୦୦ ନଭେମ୍ବର ୨୦୧୭**

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ଦ୍ରବ୍ୟ ମୂଲ୍ୟ :** ୧୦ ଟଙ୍କା

**ମୁଦ୍ରକ :** ଅମ୍ବା ଅଫ୍‌ସେଟ୍ ,
B-99, ଇଲେକ୍ଟ୍ରୋନିକ୍ସ G.I.D.C, K-6 ରୋଡ଼୍,
ସେକ୍ଟର-୨୫, ଗାନ୍ଧୀନଗର - ୩୮୨୦୪୪
ଫୋନ୍ : (୦୭୯) ୩୯୮୩୦୩୪୧/୪୨

# ତ୍ରିମନ୍ତ୍ର






ନମୋ ଅରିହଂତାଣଂ
ନମୋ ସିଦ୍ଧାଣଂ
ନମୋ ଆୟରିୟାଣଂ
ନମୋ ଉବଜ୍ଝାୟାଣଂ
ନମୋ ଲୋଏ ସବ୍ବସାହୁଣଂ
ଏସୋ ପଞ୍ଚ ନମୁକ୍କାରୋ,
ସବ୍ବ ପାବପ୍ପଣାସଣୋ
ମଙ୍ଗଲାଣଂ ଚ ସବ୍ବେସିଂ,
ପଢମଂ ହବଇ ମଙ୍ଗଲମ୍ ।।୧।।
ଓଁ ନମୋ ଭଗବତେ ବାସୁଦେବାୟ ।।୨।।
ଓଁ ନମଃ ଶିବାୟ ।। ୩ ।।
।। ଜୟ ସଚ୍ଚିଦାନନ୍ଦ ।।





# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବାକୁ ଯାଉଛି । ପଛରେ ଅନୁଗାମୀ ଦରକାର କି ନାହିଁ ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା ?"

**- ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ-ଗାଁ, ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ । ସେ ନିଜର ଜୀବନ କାଳ ମଧ୍ୟରେ ହିଁ ପୂଜ୍ୟ ଡା. ନୀରୂବେନ ଅମୀନ(ନୀରୂମା)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବାର ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ । ଦାଦାଶ୍ରୀଙ୍କ ଦେହବିଲୟ ପରେ ନୀରୂମା ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉଥିଲେ । ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବାର ସିଦ୍ଧି ପ୍ରଦାନ କରିଥିଲେ । ନୀରୂମାଙ୍କ ଉପସ୍ଥିତିରେ, ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୂମାଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁ ରହିଛି । ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି ।

ଏହି ପୁସ୍ତକରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ରୂପରେ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, ମାତ୍ର ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଆବଶ୍ୟକ ଅଟେ । ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲା ଅଛି । ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରେ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତି କରି ହିଁ ସ୍ୱୟଂର ଆତ୍ମା ଜାଗୃତ ହୋଇପାରେ ।

# ‘ଦାଦା ଭଗବାନ’ କିଏ ?

ଜୁନ୍ ୧୯୫୮ରେ ଏକ ସନ୍ଧ୍ୟା, ସମୟ ପାଖାପାଖି ଛ’ଟା, ଭିଡ଼ରେ ଭରା ସୁରଟ ସହରର ରେଲୱେ ଷ୍ଟେସନ୍, ପ୍ଲାଟ୍‌ଫର୍ମ ନମ୍ବର ୩ର ବେଞ୍ଚ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୂଲ୍‌ଜୀଭାଇ ପଟେଲ୍ ରୂପୀ ଦେହମନ୍ଦିରରେ ପ୍ରାକୃତିକ ରୀତିରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବାପାଇଁ ଆତୁର ‘ଦାଦା ଭଗବାନ’ ପୂର୍ଣ୍ଣ ରୂପରେ ପ୍ରକଟ ହେଲେ । ଏବଂ ପ୍ରକୃତି ସର୍ଜିତ କଲା ଅଧ୍ୟାତ୍ମର ଅଦ୍ଭୁତ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । ‘ମୁଁ କିଏ ? ଭଗବାନ କିଏ ? ଜଗତ କିଏ ଚଲାଉଛି ? କର୍ମ କ’ଣ ? ମୁକ୍ତି କ’ଣ ?’ ଇତ୍ୟାଦି ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସଂପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା । ଏହିପରି ପ୍ରକୃତି, ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ ପୂର୍ଣ୍ଣ ଦର୍ଶନ ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଲ୍‌ଜୀଭାଇ ପଟେଲ, ଯିଏ ଗୁଜରାଟର ଚରୋତର କ୍ଷେତ୍ରର ଭାଦରଣ ଗାଁ’ର ପାଟୀଦାର, କଣ୍ଟ୍ରାକ୍ଟ ବ୍ୟବସାୟ କରିବାବାଲା, ତଥାପି ପୂର୍ଣ୍ଣ ରୂପରେ ବୀତରାଗ ପୁରୁଷ !

‘ବ୍ୟାପାରରେ ଧର୍ମ ରହିବା ଉଚିତ୍, ଧର୍ମରେ ବ୍ୟାପାର ନୁହେଁ’, ଏହି ସିଦ୍ଧାନ୍ତ ସହ ସେ ସାରା ଜୀବନ ବିତାଇଲେ । ଜୀବନରେ କେବେ ମଧ୍ୟ ସେ କାହାରିଠାରୁ ପଇସା ନେଇ ନାହାନ୍ତି, ବରଂ ନିଜ ରୋଜଗାରରୁ ଭକ୍ତମାନଙ୍କୁ ଯାତ୍ରା କରାଉଥିଲେ ।

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି କେବଳ ଦୁଇ ଘଣ୍ଟାରେ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ, ତାଙ୍କର ଅଦ୍ଭୁତ ସିଦ୍ଧ ହୋଇଥିବା ଜ୍ଞାନ ପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କହିଲେ । ଅକ୍ରମ, ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି, କ୍ରମାନୁସାରେ ଉପରକୁ ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ, ସର୍ଟ କଟ୍ ।

ସେ ନିଜେ ପ୍ରତ୍ୟେକଙ୍କୁ ‘ଦାଦା ଭଗବାନ କିଏ ?’ର ରହସ୍ୟ ବତାଇବାକୁ ଯାଇ କହୁଥିଲେ ଯେ, ‘‘ଏ ଯିଏ ଆପଣଙ୍କୁ ଦେଖାଯାଉଛନ୍ତି ସେ ଦାଦା ଭଗବାନ ନୁହଁନ୍ତି, ସେ ତ ‘ଏ.ଏମ୍. ପଟେଲ୍’ ଅଟେ । ମୁଁ ଜ୍ଞାନୀପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ ‘ଦାଦା ଭଗବାନ’ ଅଟନ୍ତି । ଦାଦା ଭଗବାନ ତ’ ଚଉଦ ଲୋକର ନାଥ ଅଟନ୍ତି । ସେ ଆପଣଙ୍କ ଭିତରେ ମଧ୍ୟ ଅଛନ୍ତି, ସମସ୍ତଙ୍କ ଭିତରେ ଅଛନ୍ତି । ଆପଣଙ୍କ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ ‘ଏଠାରେ’ ମୋ ଭିତରେ ସଂପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରେ ।’’

## दादा भगवान फाउन्डेशन के द्वारा प्रकाशित पुस्तकें

१. ज्ञानी पुरुष की पहचान
२. सर्व दु :खो से मुक्ति
३. कर्म का सिद्धांत
४. आत्मबोध
५. मैं कौन हूँ ?
६.वर्तमान तीर्थकंर श्री सीमंधर स्वामी
७.भुगते उसी की भूल
८. एडजस्ट एवरीव्हेयर
९. टकराव टालिए
१०. हुआ सो न्याय
११. चिंता
१२. क्रोध
१३. प्रतिक्रमण
१४. दादा भगवान कौन ?
१५. पैसों का व्यवहार
१६. अंत : करण का स्वरुप
१७. जगत कर्ता
१८. त्रिमंत्र
१९. भावना से सुधरे जन्मोंजन्म
२०. माता-पिता और बच्चों का व्यवहार
२१. प्रेम
२२. समझ से प्राप्त ब्रह्मचर्य
२३. दान
२४. मानव धर्म
२५. सेवा-परोपकार
२६. मृत्यु समय, पहले और पश्चात
२७. निजदोष दर्शन से...निर्दोष
२८. पति-पत्नि का दिव्य व्यवहार
२९. क्लेश रहित जीवन
३०. गुरु-शिष्य
३१. अहिंसा
३२. सत्य-असत्य के रहस्य
३३. चमत्कार
३४. पाप-पुण्य
३५. वाणी,व्यवहार में...
३६. कर्म का विज्ञान
३७. आप्तवाणी - १
३८. आप्तवाणी - २
३९. आप्तवाणी - ३
४०. आप्तवाणी - ४
४१. आप्तवाणी - ५
४२. आप्तवाणी - ६
४३. आप्तवाणी - ७
४४. आप्तवाणी - ८
४५.आप्तवाणी - ९
४६.आप्तवाणी - १३(पूर्वार्ध)
४५. समझ से प्राप्त ब्रह्मचर्य (पूर्वार्ध-उत्तरार्ध)

• ଦାଦା ଭଗବାନ ଫାଉଣ୍ଡେଶନ ଦ୍ୱାରା ଗୁଜରାଟୀ ଭାଷାରେ ବି ୭୨ ପୁସ୍ତକ ପ୍ରକାଶିତ ହୋଇଛି । ୱେବସାଇଟ୍ www.dadabhagwan.org ରେ ମଧ୍ୟ ଆପଣ ଏ ସମସ୍ତ ପୁସ୍ତକ ପ୍ରାପ୍ତ କରିପାରିବେ ।

• ଦାଦା ଭଗବାନ ଫାଉଣ୍ଡେଶନ ଦ୍ୱାରା ପ୍ରତ୍ୟେକ ମାସ ହିନ୍ଦୀ, ଗୁଜରାଟୀ ତଥା ଇଂରାଜୀ ଭାଷାରେ 'ଦାଦାବାଣୀ' ମାଗାଜିନ୍ ପ୍ରକାଶିତ ହେଉଛି ।

**ଓଡ଼ିଆ ପୁସ୍ତକ** : ୧. ଆତ୍ମସାକ୍ଷାତ୍କାର ୨. ଘର୍ଷଣ ଟାଳନ୍ତୁ ୩. ମୁଁ କିଏ ?
୪. ଏଡ଼ଜଷ୍ଟ ଏଭ୍ରିହ୍ୱେୟାର ୫. ଚିନ୍ତା ୬. ମାନବ ଧର୍ମ
୭. କ୍ରୋଧ ୮. ଯାହା ହେଲା ତାହା ନ୍ୟାୟ

# ନିବେଦନ

ଆତ୍ମବିଜ୍ଞାନୀ ଶ୍ରୀ ଅମ୍ବାଲାଲ ମୂଳ୍‌ଜୀଭାଇ ପଟେଲ, ଯାହାଙ୍କୁ ଲୋକେ ‘ଦାଦା ଭଗବାନ’ ନାମରେ ମଧ୍ଯ ଜାଣନ୍ତି, ତାଙ୍କ ଶ୍ରୀମୂଖରୁ ଅଧ୍ୟାତ୍ମ ତଥା ବ୍ୟବହାର ଜ୍ଞାନ ସମନ୍ଧୀୟ ଯେଉଁ ବାଣୀ ବାହାରିଛି, ସେସବୁକୁ ରେକର୍ଡ କରି, ସଙ୍କଳନ ତଥା ସମ୍ପାଦନ କରି ପୁସ୍ତକ ରୂପରେ ପ୍ରକାଶିତ କରାଯାଉଛି ।

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ, ପାଠକଙ୍କୁ ଦାଦାଶ୍ରୀଙ୍କର ହିଁ ବାଣୀ ଶୁଣାଯାଉଛି, ଏପରି ଅନୁଭବ ହେଉ, ଯେଉଁ କାରଣରୁ ବୋଧ ହୁଏ କିଛି ଜାଗାରେ ଅନୁବାଦର ବାକ୍ୟ ରଚନା ଓଡ଼ିଆ ବ୍ୟାକରଣ ଅନୁସାରେ ତ୍ରୁଟିପୂର୍ଣ୍ଣ ଲାଗିପାରେ, କିନ୍ତୁ ଏଠାରେ ଆଶୟ(ହେତୁ)କୁ ବୁଝି ପଢ଼ାଯିବ ତେବେ ଅଧିକ ଲାଭକାରୀ ହେବ ।

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟାସ କରାଯାଇଛି । ପ୍ରସ୍ତୁତ ପୁସ୍ତକରେ ଅନେକ ଜାଗାରେ ବନ୍ଧନୀରେ ଦର୍ଶାଯାଇଥିବା ଶବ୍ଦ ବା ବାକ୍ୟ ପରମପୂଜ୍ୟ ଦାଦାଶ୍ରୀଙ୍କ ଦ୍ଵାରା କୁହାଯାଇଥିବା ବାକ୍ୟକୁ ଅଧିକ ସ୍ପଷ୍ଟତାପୂର୍ବକ ବୁଝାଇବା ହେତୁ ଲେଖା ଯାଇଛି । ଯେବେକି କିଛି ଜାଗାରେ ଇଂରାଜୀ ଶବ୍ଦକୁ ଓଡ଼ିଆ ଅର୍ଥରୂପରେ ରଖାଯାଇଛି । ଦାଦାଶ୍ରୀଙ୍କ ଶ୍ରୀମୂଖରୁ ବାହାରିଥିବା କିଛି ଗୁଜରାଟୀ ଶବ୍ଦ ଯେମିତିକୁ ସେମିତି ରଖାଯାଇଛି, କାରଣ ସେ ଶବ୍ଦଗୁଡ଼ିକ ପାଇଁ ଓଡ଼ିଆରେ ଏପରି କିଛି ଶବ୍ଦ ନାହିଁ, ଯାହା ତାହାର ପୂର୍ଣ୍ଣ ଅର୍ଥ ଦେଇପାରିବ ।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ ।

❖ ❖ ❖

# ସମ୍ପାଦକୀୟ

'ଘର୍ଷଣ ଟାଳ' ଏହି ଗୋଟିଏ ହିଁ ସୂତ୍ର ଯଦି ଜୀବନରେ ଫିଟ୍ ହୋଇଗଲା, ତା'ର ସଂସାର ତ' ସୁନ୍ଦର ହୋଇଯିବ ନିଶ୍ଚିତ, ସାଥେ ସାଥେ ମୋକ୍ଷ ମଧ୍ୟ ସିଧା ସାମ୍ନାକୁ ଚାଲିକରି ଆସିବ । ଏହା ନିର୍ବିବାଦ ବାକ୍ୟ ଅଟେ !

ଅକ୍ରମ ବିଜ୍ଞାନୀ ସଂପୂଜ୍ୟ ଦାଦାଶ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଏହି ସୂତ୍ରକୁ ଆପଣେଇ ଅନେକ ଲୋକ ତରିଗଲେ । ସେମାନଙ୍କ ଜୀବନ ସୁଖ-ଶାନ୍ତିମୟ ହେଲା ଏବଂ ସେମାନେ ମୋକ୍ଷର ଯାତ୍ରୀ ହୋଇଗଲେ ! ଏଥିପାଇଁ ପ୍ରତ୍ୟେକଙ୍କୁ କେବଳ ଦୃଢ଼ 'ନିଶ୍ଚୟ' କରିବାର ଅଛି ଯେ 'ମୋତେ କାହାରି ସହିତ ଘର୍ଷଣରେ ଆସିବାର ନାହିଁ । ସାମ୍ନାବାଲା ଯେତେ ବି ଘର୍ଷଣ କରିବାକୁ ଚାହୁଁ, ତଥାପି ମୋତେ ଘର୍ଷଣ କରିବାର ନାହିଁ, କୌଣସି ପ୍ରକାରେ ବି ।' ବାସ୍, କେବଳ ଏତିକି ଯାହାର 'ନିଶ୍ଚୟ' ଥିବ, ତା'କୁ ପ୍ରାକୃତିକ ରୂପରେ ଆପେ ଆପେ ଭିତରୁ ହିଁ ଘର୍ଷଣ ଟାଳିବାର ବୋଧ(ଉପାୟ) ମିଳିଚାଲିବ ।

ରାତି ଅନ୍ଧାରରେ ରୁମ୍‌ରୁ ବାହାରକୁ ବାହାରିବାର ଥିବ ଆଉ ସାମ୍ନାରେ କାନ୍ଥ ଆସିଯାଏ, ସେତେବେଳେ ଆମେ କ'ଣ କରିବା ? କାନ୍ଥକୁ ଗୋଇଠାମାରି କହିବା କି 'ତୁ ମଝିରେ କେଉଁଠୁ ଆସିଲୁ ? ଘୁଞ୍ଚିଯା, ଏଇଟା ମୋ ଘର !' ସେଠାରେ ତ' କେତେ ସିଆଣିଆ ହୋଇ ହାତରେ କବାଟକୁ ଅଣ୍ଡାଳି ଅଣ୍ଡାଳି, ଖୋଜି, ବାହାରକୁ ବାହାରି ଯାଆନ୍ତି । କାହିଁକି ? କାହିଁକିନା ସେଠାରେ ବୁଝିହୁଏ ଯେ ଜିଦ୍ କରିବି ତେବେ କାନ୍ଥରେ ମୁଣ୍ଡ ବାଡ଼େଇ ହେବ ଏବଂ ଫାଟିଯିବ ।

ସଂକୀର୍ଣ୍ଣ ଗଳିରେ ରାଜା ଯାଉଥିବ ଆଉ ସାମ୍ନାରୁ ଏକ ଦୌଡୁଥିବା ଷଣ୍ଢ ଆସିଯାଏ, ତେବେ ସେଠି କ'ଣ ରାଜା ଷଣ୍ଢକୁ ଏପରି କହିବ ଯେ, 'ଦୂରକୁ ହଟି ଯା, ମୋ ରାଜ୍ୟ, ମୋ ଗଳି, ମୋତେ ରାସ୍ତା ଦେ !' ସେଠି ତ' ଷଣ୍ଢ କ'ଣ କହିବ, 'ତୁ ରାଜା ତ ମୁଁ ମହାରାଜା ! ଆସି ଯା !' ଅର୍ଥାତ୍ ସେଠି ମହାନ ରୁ ମହାନ, ରାଜାଙ୍କର ରାଜାଙ୍କୁ ମଧ୍ୟ ଚୁପ ରହି ଖସିଯିବାକୁ ପଡ଼ିବ ଏବଂ ବାରଣ୍ଡା ଉପରକୁ ଚଢ଼ିଯିବାକୁ ପଡ଼ିବ । କାହିଁକି ? ଘର୍ଷଣ ଟାଳିବା ପାଇଁ ।

ଏହି ସାଧାରଣ କଥାରୁ କେବଳ ଏତିକି ହିଁ ବୁଝି ସ୍ଥିର କରିବାର ଅଛି ଯେ ଯିଏ ବି ଆମ ସହ ଘର୍ଷଣ କରିବା ପାଇଁ ଆସନ୍ତି, ସେମାନେ କାନ୍ଥ ଏବଂ ଷଣ୍ଢ ପରି ହିଁ ଅଟନ୍ତି । ସେଥିପାଇଁ ଯଦି ଘର୍ଷଣ ଟାଳିବାର ଥିବ ତେବେ ଚତୁରତାର ସହ ହଟିଯିବ । ଯେ କେଉଁଠି ବି ଘର୍ଷଣ ସାମ୍ନାକୁ ଆସେ ତାହାକୁ ଟାଳିବ । ଏପରି କରିବା ଦ୍ୱାରା ଜୀବନ କ୍ଲେଶରହିତ ହେବ ଏବଂ ମୋକ୍ଷ ପ୍ରାପ୍ତ ହେବ ।

**ଡା. ନୀରୁବେନ ଅମୀନଙ୍କ ଜୟ ସଚ୍ଚିଦାନନ୍ଦ ।**

# ଘର୍ଷଣ ଟାଳନ୍ତୁ

## ଆସ ନାହିଁ ଘର୍ଷଣରେ

'କାହାରି ସହିତ ଘର୍ଷଣରେ ଆସିବ ନାହିଁ ଏବଂ ଘର୍ଷଣ ଟାଳିବ ।' ମୋର ଏହି ବାକ୍ୟର ଯଦି ଆରାଧନ କରିବ ତେବେ ସିଧା ମୋକ୍ଷରେ ପହଞ୍ଚିବ । ତୁମର ଭକ୍ତି ଆଉ ମୋର ବଚନବଳ ସବୁ କାମ କରିଦେବ । ତୁମର ପ୍ରସ୍ତୁତି ଦରକାର । ମୋର ଗୋଟିଏ ହିଁ ବାକ୍ୟ ଯଦି କେହି ପାଳନ କରେ ତେବେ ସେ ମୋକ୍ଷରେ ହିଁ ଯିବ । ଆରେ, ମୋର ଗୋଟିଏ ହିଁ ଶବ୍ଦ, ଯେମିତି କୁ ସେମିତି, ପୁରାକୁ ପୁରା କଣ୍ଠସ୍ଥ କରିନେବ, ତେବେ ମଧ୍ୟ ମୋକ୍ଷ ହାତକୁ ଆସିଯାଏ, ଏପରି ଅଟେ । କିନ୍ତୁ ତାହାକୁ 'ଯେମିତିକୁ ସେମିତି' କଣ୍ଠସ୍ଥ କରିନେବ ।

ମୋର ଗୋଟିଏ ଶବ୍ଦ ଯଦି ଗୋଟିଏ ଦିନ ବି ପାଳନ କରିବ ତେବେ ଗଜବ ଶକ୍ତି ଉତ୍ପନ୍ନ ହେବ ! ଭିତରେ ଏତେ ସାରା ଶକ୍ତି ଅଛି ଯେ କେହି କିଭଳି ମଧ୍ୟ ଘର୍ଷଣ କରିବାକୁ ଆସୁ, ତଥାପି ଟାଳିପାରିବା । ଯିଏ ଜାଣି-ଶୁଣି ଖାଇରେ ପଡ଼ିବାର ପ୍ରସ୍ତୁତିରେ ଅଛନ୍ତି, ସେମାନଙ୍କ ସହିତ ଘର୍ଷଣ କରିବା ପାଇଁ କ'ଣ ବସି ରହିବା ? ସେ ତ କେବେ ବି ମୋକ୍ଷକୁ ଯିବନାହିଁ, ଓଲଟା ତୁମକୁ ମଧ୍ୟ ନିଜ ସହିତ ବସାଇ ରଖିବ । ଏହା କିପରି ପୋଷାଇବ ? ଯଦି ତୁମକୁ ମୋକ୍ଷରେ ହିଁ ଯିବାର ଅଛି ତେବେ ଏଭଳି ଲୋକଙ୍କ ସାମ୍ନାରେ ବେଶି ଚାଲାକି କରିବ ନାହିଁ । ସବୁପାର୍ଶ୍ୱରୁ, ଚାରିଦିଗରୁ ସମ୍ଭାଳିବ, ନଚେତ୍ ଯଦି ତୁମକୁ ଏହି ଜଞ୍ଜାଳରୁ ମୁକ୍ତ ହେବାର ଥିବ ତେବେ ମଧ୍ୟ ଏହି ଜଗତ ଛାଡ଼ିବ ନାହିଁ । ଏଣୁ ଘର୍ଷଣ ନ କରି 'ସ୍ମୁଥଲୀ'(ସରଳତାର ସହ) ବାହାରି ଯିବାର ଅଛି । ଆରେ, ମୁଁ ତ ଏ ପର୍ଯ୍ୟନ୍ତ କୁହେ ଯେ ଯଦି ତୋର ଧୋତି କଣ୍ଟାବୁଦାରେ ଫସିଯାଇଥିବ ଆଉ ତୋର ମୋକ୍ଷର ଗାଡ଼ି ଛାଡ଼ିବାକୁ ଥିବ ତେବେ ଧୋତି ବାହାର କରିବା ପାଇଁ ବସି ରହିବୁନି । ଧୋତିକୁ ଛାଡ଼ି ଦୌଡ଼ି ପଳେଇବୁ ।

ଆରେ, ଗୋଟିଏ କ୍ଷଣ ମଧ୍ୟ କୌଣସି ଅବସ୍ଥାରେ ବସି ରହିବା ଭଳି ନୁହେଁ । ତେବେ ପୁଣି ବାକି ସବୁର ତ କଥା ହିଁ କ'ଣ କହିବା ? ଯେଉଁଠି ତୁମେ ଲାଖିଲ, ସେଇଠି ତୁମେ ନିଜ 'ସ୍ୱରୂପ'କୁ ଭୁଲିଲ ।

ଯଦି ଭୁଲରେ ବି ତୁମେ କାହା ସହ ମତଭେଦରେ ଆସିଗଲ ତେବେ ତାହାର ସମାଧାନ କରିନେବ । ସହଜ ରୂପେ, ସେହି ମତଭେଦରୁ ଘର୍ଷଣର ଚିଙ୍ଗାରି(ନିଆଁ) ନ ଉଡ଼ାଇ ବାହାରି ଯିବ ।

## ଟ୍ରାଫିକ୍‌ର ଲ' ଦ୍ୱାରା ଟଳେ ଦୁର୍ଘଟଣା

ଯେପରି ରାସ୍ତାରେ ଆମେ ଜାଗୃତିପୂର୍ବକ ଚାଲୁଛେ ନା ! ପରେ ସାମ୍‌ନାବାଲା ବ୍ୟକ୍ତି ପଛେ କେତେ ବି ଖରାପ ହୋଇଥାଉ, ଆମ ସହ ଧକ୍କା ହୋଇଯାଏ ଆଉ କ୍ଷତି ପହଞ୍ଚାଏ, ତାହା ଅଲଗା କଥା । କିନ୍ତୁ ଆମର ଉଦ୍ଦେଶ୍ୟ କ୍ଷତି ପହଞ୍ଚାଇବାର ନ ହେବା ଉଚିତ । ଆମେ ତା'କୁ କ୍ଷତି ପହଞ୍ଚାଇବାକୁ ଯିବା, ତେବେ ଏଥିରେ ନିଜକୁ ହିଁ କ୍ଷତି ହେବ । ପ୍ରତ୍ୟେକ ଘର୍ଷଣ(ଦୁର୍ଘଟଣା)ରେ ସର୍ବଦା ଉଭୟଙ୍କର କ୍ଷତି ହୋଇଥାଏ । ତୁମେ ସାମ୍‌ନାବାଲାକୁ ଦୁଃଖ ପହଞ୍ଚାଇବ ତେବେ ସାଥେ ସାଥେ, ସେହିପରି, ସେହିକ୍ଷଣି ତୁମକୁ ମଧ୍ୟ ଦୁଃଖ ପହଞ୍ଚିବା ବିନା ରହିବ ହିଁ ନାହିଁ । ଏହା ଅଟେ ଘର୍ଷଣ । ସେଥିପାଇଁ ମୁଁ ଏହି ଉଦାହରଣ ଦେଇଛି ଯେ ରାସ୍ତାରେ ଟ୍ରାଫିକ୍‌ର ଧର୍ମ କ'ଣ, ନା ଧକ୍କା ହେବ ତେବେ ତୁମେ ମରିଯିବ, ଧକ୍କା ହେବାରେ ବିପଦ ଅଛି । ଏଥିପାଇଁ କାହା ସହିତ ଧକ୍କା ହେବନାହିଁ । ସେହିପରି ବ୍ୟବହାରିକ କାର୍ଯ୍ୟରେ ମଧ୍ୟ ଘର୍ଷଣ କରିବ ନାହିଁ । ଘର୍ଷଣରେ ସର୍ବଦା ବିପଦ ହିଁ ଥାଏ । ଆଉ ଘର୍ଷଣ ତ' କେବେ କେବେ ହିଁ ହୁଏ । କ'ଣ ମାସରେ ଦୁଇଶହ ଥର ଘର୍ଷଣ ହୁଏ ? ମାସରେ କେତେ ଥର ଏମିତି ହେଉଥିବ ?

**ପ୍ରଶ୍ନକର୍ତ୍ତା :** କେବେ କେମିତି । ଦୁଇ-ଚାରି ଥର ।

**ଦାଦାଶ୍ରୀ :** ହଁ, ତେବେ ସେତିକି ଆମକୁ ସୁଧାରି ନେବାର ଅଛି । ମୁଁ କ'ଣ କହିବାକୁ ଚାହୁଁଛି ଯେ, କ'ଣ ପାଇଁ ଆମେ ବିଗାଡ଼ିବା ? କୌଣସି ବି ପ୍ରସଙ୍ଗକୁ ବିଗାଡ଼ିବା ଆମକୁ ଶୋଭା ଦିଏ ନାହିଁ । ଏମାନେ ସବୁ ଟ୍ରାଫିକ୍‌ର ନିୟମ ଆଧାରରେ ଚାଲନ୍ତି, ସେଠି ନିଜ ସମଝ(ବୁଦ୍ଧି)ରେ କେହି ଚାଲନ୍ତି ନାହିଁ ନା ? କିନ୍ତୁ ଏଥିରେ

ନିଜ ସମଝରେ ହିଁ ଚାଲନ୍ତି । କିଛି ନିୟମ ନାହିଁ ? ସେଥିରେ (ଟ୍ରାଫିକ୍‌ରେ) କେବେ ବି ବାଧା ଆସେ ନାହିଁ, ତାହା କେତେ ସୁନ୍ଦର ଟ୍ରାଫିକ୍‌ର ଆୟୋଜନ ଅଟେ ! ଏବେ ଏହି ନିୟମଗୁଡ଼ିକୁ ଯଦି ତୁମେ ବୁଝି ସୁଝି ଚାଲିବ ତେବେ ପୁଣି କୌଣସି ବାଧା ଆସିବ ନାହିଁ । ଅର୍ଥାତ୍ ଏହି ନିୟମକୁ ବୁଝିବାରେ ଭୁଲ ହୋଇଛି । ନିୟମ ବୁଝାଇବାବାଲା ସମଝଦାର(ଅଭିଜ୍ଞ) ହେବା ଉଚିତ୍ ।

ଏହି ଟ୍ରାଫିକ୍‌ର ନିୟମକୁ ପାଳନ କରିବାର ନିଶ୍ଚୟ(ସ୍ଥିର) ତୁମେ କରିଥିବ, ତେବେ କେତେ ସୁନ୍ଦର ପାଳନ ହୁଏ ! ସେଥିରେ କାହିଁକି ଅହଂକାର ଜାଗ୍ରତ ହୁଏ ନାହିଁ ଯେ ପଛେ ସେ ଯାହା ବି କୁହନ୍ତୁ କିନ୍ତୁ ଆମେ ତ ଏମିତି ହିଁ କରିବୁ । କାରଣ ସେ ଟ୍ରାଫିକ୍‌ର ନିୟମକୁ ସେ ନିଜେ ହିଁ ନିଜ ବୁଦ୍ଧିଦ୍ୱାରା ଏତେ ଅଧିକ ବୁଝିପାରେ,ସ୍ଥୂଳ ଅଟେ ସେଥିପାଇଁ, ଯେ ହାତ କଟିଯିବ, ତୁରନ୍ତ ମରିଯିବି । ଠିକ ସେହିପରି ଘର୍ଷଣ କରିବା ଦ୍ୱାରା ଏଥିରେ ମରିଯିବି, ଏହା ମାଲୁମ ନାହିଁ । ଏଥିରେ ବୁଦ୍ଧି ପହଞ୍ଚିପାରେ ନାହିଁ । ଏହା ସୂକ୍ଷ୍ମ କଥା ଅଟେ । ଏହାର ସମସ୍ତ କ୍ଷତି ସୂକ୍ଷ୍ମ ହୋଇଥାଏ ।

## ପ୍ରଥମ ଥର ପ୍ରକାଶିତ ହେଲା ଏହି ସୂତ୍ର

୧୯୫୧ ମସିହାରେ ଜଣେ ଭାଇକୁ ଏହି ଗୋଟିଏ ସୂତ୍ର ଦେଇଥିଲି । ମୋତେ ସେ ସଂସାର ପାରି କରିବାର ରାସ୍ତା ପଚାରୁଥିଲା । ମୁଁ ତା'କୁ 'ଘର୍ଷଣ ଟାଳ' କହିଥିଲି ଆଉ ଏହିଭଳି ତା'କୁ ବୁଝାଇଥିଲି ।

ତାହା ତ' ଏମିତି ହୋଇଥିଲା ଯେ ମୁଁ ଶାସ୍ତ୍ର ପଢୁଥିଲି, ସେତେବେଳେ ସେ ଆସି ମୋତେ କହିଲା ଯେ, 'ଦାଦାଜୀ, ମୋତେ କିଛି ଜ୍ଞାନ ଦିଅନ୍ତୁ ।' ସେ ମୋ ପାଖରେ ଚାକିରି କରୁଥିଲା । ସେତେବେଳେ ମୁଁ ତା'କୁ କହିଲି, 'ତୋତେ କ'ଣ ଜ୍ଞାନ ଦେବି ? ତୁ ତ' ସାରା ଦୁନିଆ ସହ ଲଢ଼େଇ-ଝଗଡ଼ା କରି ଆସୁଛୁ, ମାର-ପିଟ୍ କରି ଆସୁଛୁ ।' ରେଲୱେରେ ବି ଗଡ଼ବଡ଼, ମାରାମାରି କରେ, ଏମିତି ତ ପାଣି ପରି ପଇସା ବୁହାଏ, କିନ୍ତୁ ରେଲୱେର ଯେଉଁ ନିୟମାନୁସାରେ ପଇସା ଭରିବାକୁ ପଡ଼େ, ସେତିକି ଭରୁ ନଥିଲା ଆଉ ଓଲଟା ଝଗଡ଼ା କରୁଥିଲା, ଏସବୁ ମୁଁ ଜାଣିଥିଲି । ସେଥିପାଇଁ ମୁଁ ତା'କୁ କହିଲି ଯେ, 'ତୋତେ ଶିଖେଇକି କ'ଣ କରିବି ?' ତୁ ତ' ସମସ୍ତଙ୍କ ସାଥିରେ ଝଗଡ଼ା(ଘର୍ଷଣ) କରୁଛୁ ! ତେବେ ମୋତେ କୁହେ ଯେ, 'ଦାଦାଜୀ, ଏହି

ଜ୍ଞାନ ଯାହା ଆପଣ ସମସ୍ତଙ୍କୁ ଶିଖାଉଛନ୍ତି, ତାହା ମୋତେ କିଛି ତ' ଶିଖାନ୍ତୁ ।' ମୁଁ କହିଲି, 'ତୋତେ ଶିଖେଇକି କ'ଣ କରିବି ? ତୁ ତ' ସବୁଦିନ ଗାଡ଼ିରେ ମାରପିଟ୍, ଗଡ଼ବଡ଼ କରି ଆସୁଛୁ ।' ସରକାର ପାଖରେ ଦଶ ଟଙ୍କା ଭରିଲା ଭଳି ଜିନିଷ ଥିବ, ତଥାପି ପଇସା ଭରିବା ବିନା ଆଣେ ଆଉ ଏମିତି ଲୋକଙ୍କୁ କୋଡ଼ିଏ ଟଙ୍କାର ଚା-ପାଣି ପିଆଇ ଦିଏ, ତେବେ ସେମାନେ ଖୁସି-ଖୁସି ହୋଇ ଯାଆନ୍ତି ! ଅର୍ଥାତ୍ ଦଶ ବଞ୍ଚେ ନାହିଁ, ଓଲଟା ଅଧିକ ଦଶ ଖର୍ଚ୍ଚ ହୋଇଯାଏ, ଏମିତି ନୋବଲ୍(ଉଦାର !) ମଣିଷ ।

ସେ ପୁଣି ମୋତେ କହିଲା ଯେ, 'ଆପଣ ମୋତେ କିଛି ଜ୍ଞାନ ଶିଖାନ୍ତୁ ।' ମୁଁ କହିଲି, 'ତୁ ତ ପ୍ରତିଦିନ ଲଢ଼େଇ-ଝଗଡ଼ା କରି ଆସୁଛୁ । ମୋତେ ତ ଶୁଣିବାକୁ ପଡୁଛି ।' ସେ କହିଲା, 'ତଥାପି ଦାଦା, ମୋତେ କିଛି ତ' ଜ୍ଞାନ ଦିଅନ୍ତୁ ।' ସେତେବେଳେ ମୁଁ କହିଲି, 'ଗୋଟିଏ ବାକ୍ୟ ଦେଉଛି, ଯଦି ପାଳନ କରିବୁ ତେବେ ।' ତେବେ କହିବାକୁ ଲାଗିଲା, 'ଅବଶ୍ୟ ପାଳନ କରିବି' । ମୁଁ କହିଲି, 'କାହାରି ସହିତ ମଧ ଘର୍ଷଣରେ ଆସିବୁ ନାହିଁ ।' ତେବେ ପଚାରିଲା, 'ଘର୍ଷଣ ମାନେ କ'ଣ ? ମୋତେ ବୁଝାନ୍ତୁ ଦାଦାଜୀ ।' ମୁଁ କହିଲି ଯେ, 'ଆମେ ସିଧା ଯାଉଥିବା ଆଉ ରାସ୍ତାରେ ଖୁଣ୍ଟ ପଡ଼େ, ତେବେ ଆମେ ବୁଲିକରି ଯିବା ନା ଖୁଣ୍ଟ ସହିତ ଧକ୍କା ହେବା ?' ତେବେ ସେ କହିଲା, 'ନା, ଧକ୍କା ହେଲେ ତ ମୁଣ୍ଡ ଫାଟିଯିବ ।' ମୁଁ ପଚାରିଲି, 'ଏଠି ସାମ୍ନାରୁ ମଇଁଷି ଆସୁଥିବ, ତେବେ ତୁ ଏମିତି ବୁଲିକରି ଯିବୁ ନା ତା' ସହିତ ଘଷିହୋଇ ଯିବୁ ?' ତେବେ କହିଲା, 'ଘଷିହୋଇ ଗଲେ ମୋତେ ମାରିବ, ସେଥିପାଇଁ ଏମିତି ବୁଲିକରି ଯିବାକୁ ପଡ଼ିବ ।' ପୁଣି ପଚାରିଲି 'ସାପ ଆସୁଥିବ ତେବେ ? ବଡ଼ ପଥର ପଡ଼ିଥିବ ତେବେ ?' ସେତେବେଳେ କହିଲା, 'ସେଠି ମଧ ବୁଲିକରି ହିଁ ଯିବାକୁ ପଡ଼ିବ ।' ମୁଁ ପଚାରିଲି, 'କାହାକୁ ବୁଲିବାକୁ ପଡ଼ିବ ?' ତେବେ କହିଲା, 'ଆମକୁ ବୁଲିବାକୁ ପଡ଼ିବ ।' ମୁଁ ପଚାରିଲି, 'କାହିଁକି ?' ତେବେ ବତାଇଲା, 'ନିଜର ସୁଖ ପାଇଁ । ଆମେ ଧକ୍କା ହେବା ତେବେ ଆମର କ୍ଷତି ହେବ !' ମୁଁ କହିଲି, 'ଏହି ଦୁନିଆରେ କିଛି ଲୋକ ପଥର ପରି ଅଟନ୍ତି, କିଛି ଲୋକ ମଇଁଷି ପରି ଅଟନ୍ତି, କିଛି ଗାଈ ପରି ଅଟନ୍ତି, କିଛି ମଣିଷ ପରି ଅଟନ୍ତି, କିଛି ସାପ ପରି ଅଟନ୍ତି ଆଉ କିଛି ଖୁଣ୍ଟ ପରି ଅଟନ୍ତି । ସବୁ ପ୍ରକାରର ଲୋକ ଅଛନ୍ତି । ସେମାନଙ୍କ ସହିତ ଏବେ ତୁ ଘର୍ଷଣ(ମତଭେଦ)ରେ ପଡ଼ିବୁ ନାହିଁ, ଆଉ ଏହିଭଳି ରାସ୍ତା ବାହାର କରିନେବୁ ।'

ଏହି ବୋଧ ତା'କୁ ୧୯୫୧ରେ ଦେଇଥିଲି ଆଉ ଆଜି ପର୍ଯ୍ୟନ୍ତ ତାହାର ପାଳନରେ ସେ କୌଣସି ମଧ୍ୟ ତ୍ରୁଟି ଛାଡ଼ିନାହିଁ । ସେବେଠାରୁ ସେ କାହାରି ଘର୍ଷଣରେ ପଡ଼ିଲା ହିଁ ନାହିଁ । ଜଣେ ସେଠ୍, ଯିଏ ସମ୍ବନ୍ଧରେ ତା'ର କକା ଲାଗୁଥିଲେ, ସେ ଜାଣିଗଲେ ଯେ ଇଏ ଝଗଡ଼ାରେ ପଡୁନାହିଁ । ସେଥିପାଇଁ ସେ ତା'କୁ ଜାଣିଶୁଣି ବାରମ୍ବାର ଚିଡ଼ାଉ ଥିଲେ । ସେ ତା'କୁ କେତେ ବି ଚିଡ଼ାଇବାକୁ ଚେଷ୍ଟା କରନ୍ତୁ ତଥାପି ସେ ଖସିଯାଉଥିଲା । କାହାରି ଘର୍ଷଣରେ ପଡ଼ିଲା ହିଁ ନାହିଁ ୧୯୫୧ ପରେ ।

## ବ୍ୟବହାରରେ ଟାଳନ୍ତୁ ଘର୍ଷଣ ଏପରି

ତୁମେ ଗାଡ଼ିରୁ ଓହ୍ଲାଇଲ ଏବଂ ତୁରନ୍ତ କୁଲିମାନଙ୍କୁ(ବଡ଼ ପାଟିରେ) ଡାକିଲ, 'ଏ.... ଏଠିକି ଆ, ଏଠିକି ଆ!' ସେମାନେ ଦୁଇ-ଚାରିଜଣ ଦୌଡ଼ି ଆସନ୍ତି । 'ଚାଲ୍, ଉଠା ।' ଜିନିଷ ଉଠାଇଲା ପରେ, ବାହାରକୁ ଯାଇ ଚିତ୍କାର କରିବ, କ୍ଲେଶ କରିବ ଯେ, 'ଷ୍ଟେସନମାଷ୍ଟରକୁ ଡାକୁଛି । ଏତେ ପଇସା ନିଆଯାଏ ? ଏମିତି, ସେମିତି ।' ଆରେ, ଏଠି ଝଗଡ଼ା କର ନାହିଁ । ସେ ଯଦି ପଚିଶ ଟଙ୍କା କୁହେ ତେବେ ତା'କୁ ବୁଝାଇ କହିବ ଯେ 'ଭାଇ, ପ୍ରକୃତରେ ଦଶଟଙ୍କା ହେଉଛି, କିନ୍ତୁ ତୁ କୋଡ଼ିଏ ନେ, ଚାଲ୍ ।' ଆମେ ଜାଣିଛେ ଯେ ଫସିଗଲେଣି, ଏଥିପାଇଁ କମ୍-ବେଶି ଦେଇ *ନିକାଲ୍* କରିନେବା ଉଚିତ । ସେଠି ଝଗଡ଼ା କରିବା ଉଚିତ୍ ନୁହେଁ, ନଚେତ୍ ଯଦି ସେ ବହୁତ ଚିଡ଼ିଯିବ ନା, ସେ ଘରୁ ହିଁ ଚିଡ଼ିକି ଆସିଥାଏ, ତା' ଉପରେ ଷ୍ଟେସନରେ କଚ୍‌କଚ୍ କରିବା ତେବେ ଏମାନେ ତ' ମଇଁଷି ପରି ଅଟନ୍ତି, ଏବେ ଛୁରୀ ମାରିଦେବ । ତେତିଶି ମାର୍କରେ ମଣିଷ ହେଲା, ବତିଶି ମାର୍କରେ ମଇଁଷି ହୁଅନ୍ତି ।

ଯଦି କେହି ବ୍ୟକ୍ତି ଲଢ଼ିବାକୁ ଆସେ ଏବଂ କଥାଗୁଡ଼ିକ ବମ୍‌ର ଗୋଳାପରି ଆସୁଥାଏ, ତେବେ ତୁମକୁ ବୁଝିନେବା ଉଚିତ୍ ଯେ ଘର୍ଷଣ ଟାଳିବାର ଅଛି । ତୁମ ମନ ଉପରେ ବିଲ୍‌କୁଲ୍ ପ୍ରଭାବ ନ ହେଉ, ତଥାପି କଦାଚିତ୍ ଅଚାନକ କିଛି ପ୍ରଭାବ ହୋଇଯାଏ, ତେବେ ବୁଝିବା ଉଚିତ୍ ଯେ ସାମ୍‌ନାବାଲାର ମନର ପ୍ରଭାବ ଆମ ଉପରେ ପଡ଼ିଛି । ସେତେବେଳେ ଆମକୁ ଖସିଯିବା ଉଚିତ୍ । ଏସବୁ ଘର୍ଷଣ ଅଟେ । ଏହାକୁ ଯେମିତି-ଯେମିତି ବୁଝି ଚାଲିବ, ସେମିତି-ସେମିତି ଘର୍ଷଣ ଟଳି ଚାଲିବ । ଘର୍ଷଣ ଟାଳିବା ଦ୍ୱାରା ମୋକ୍ଷ ହୁଏ ।

ଏହି ଜଗତ୍ ଘର୍ଷଣ ହିଁ ଅଟେ, ସ୍ପନ୍ଦନ ସ୍ୱରୂପ ଅଟେ । ଏଣୁ ଘର୍ଷଣ ଟାଳ । ଘର୍ଷଣରୁ ଏହି ସଂସାର ସୃଷ୍ଟି ହୋଇଛି । ତାହାକୁ ଭଗବାନ 'ବୈର(ଶତ୍ରୁତା)ରୁ ସୃଷ୍ଟି ହୋଇଛି' ଏପରି କହିଛନ୍ତି । ପ୍ରତ୍ୟେକ ମଣିଷ, ଆରେ, ପ୍ରତ୍ୟେକ ଜୀବ ବୈର ରଖେ । ସୀମାରୁ ଅଧିକ ହେଲା ତେବେ ବୈର ନରଖି ରହିବ ନାହିଁ । ପୁଣି ପଛେ ସେ ସାପ ହେଉ, ବିଛା ହେଉ, ବଳଦ ହେଉ, ମଇଁଷି ହେଉ ବା ଯିଏ ହେଉ, କିନ୍ତୁ ବୈର ରଖିବ । କାରଣ ସମସ୍ତଙ୍କ ଠାରେ ଆତ୍ମା ଅଛି । ଆତ୍ମଶକ୍ତି ସମସ୍ତଙ୍କଠାରେ ଏକ ସମାନ ଅଟେ । କାରଣ ଏହା ଯେ, ଏହି *ପୁଦ୍‌ଗଳ*(ଶରୀର)ର ଦୁର୍ବଳତାକୁ ନେଇ ସହିବାକୁ ପଡ଼େ, କିନ୍ତୁ ସହିବା ସହିତ ସେ ବୈର ନରଖି ରୁହେ ନାହିଁ । ଏବଂ ପରଜନ୍ମରେ ସେ ପୁଣି ତା'ର ବୈର ଅସୁଲ କରେ ।

କେଉଁ ବ୍ୟକ୍ତି ଯଦି ବହୁତ କୁହେ, ତେବେ ତା'ର କୌଣସି ବି କଥାରେ ଆମକୁ ମତଭେଦ ନହେବା ଉଚିତ୍ । ଏହା ହିଁ ଧର୍ମ । ହଁ, କଥା କିଭଳି ମଧ୍ୟ ହେଉ । କଥାର କ'ଣ ଏପରି ସର୍ତ୍ତ ଥାଏ ଯେ 'ମତଭେଦ ହିଁ କରିବାର ଅଛି ।' ଏ ତ ସକାଳ ପର୍ଯ୍ୟନ୍ତ ଝଗଡ଼ା କରିବେ ଏପରି ଲୋକ ଅଟନ୍ତି । ଆଉ ଆମ ଯୋଗୁଁ ସାମ୍ନାବାଲାକୁ କଷ୍ଟ ହୁଏ, ଏପରି କହିବା ବଡ଼ରୁ ବଡ଼ ଅପରାଧ ଅଟେ । ଓଲଟା, କେହି ଏପରି କହିଥିବ ତଥାପି ତାହାକୁ ଟାଳିଦିଏ, ତା'କୁ ମଣିଷ କୁହାଯିବ !

## ସହନ ? ନା, ସଲ୍ୟୁଶନ ଆଣ

**ପ୍ରଶ୍ନକର୍ତ୍ତା :** ଦାଦା, ଆପଣ ଯେଉଁ ମତଭେଦ ଟାଳିବାକୁ କହିଲେ, ତାହାର ଅର୍ଥ 'ସହନ କରିବା' ଏପରି ଅଟେ ନା ?

**ଦାଦାଶ୍ରୀ :** ମତଭେଦ ଟାଳିବା ଅର୍ଥ ସହନ କରିବା ନୁହେଁ । ସହନ କରିବ ତେବେ କେତେ କରିବ ? ସହନ କରିବା ଏବଂ ସ୍ପ୍ରିଙ୍ଗ୍ ଦବାଇବା, ଉଭୟ ଏକ ପ୍ରକାର ଅଟେ । 'ସ୍ପ୍ରିଙ୍ଗ୍ ଦବି ହୋଇ କେତେ ଦିନ ରହିବ ?' ଏଣୁ ସହନ କରିବା ତ ଶିଖିବ ହିଁ ନାହିଁ । ସଲ୍ୟୁଶନ ଆଣିବା ଶିଖ । ଅଜ୍ଞାନ ଦଶାରେ ତ' ସହନ କରିବାକୁ ହିଁ ହୁଏ । ପରେ ଦିନେ ସ୍ପ୍ରିଙ୍ଗ୍ ଛିଟିକିଯାଏ, ତାହା ସବୁ ଛିନ୍ନଭିନ୍ନ କରିଦିଏ, କିନ୍ତୁ ଏ ତ ପ୍ରକୃତିର ନିୟମ ହିଁ ଏପରି ଅଟେ ।

ଦୁନିଆରେ ଅନ୍ୟକାହା କାରଣରୁ ଆମକୁ ସହନ କରିବାକୁ ପଡ଼େ, ଏପରି ନିୟମ ହିଁ ନାହିଁ । କାହା କାରଣରୁ ଯଦି ଆମକୁ ସହନ କରିବାକୁ ପଡ଼େ, ତାହା

ନିଜର ହିଁ ହିସାବ ହୋଇଥାଏ । କିନ୍ତୁ ତୁମକୁ ଜଣାପଡ଼େ ନାହିଁ ଯେ ଏହା କେଉଁ ବହିଖାତାର ଏବଂ କେଉଁଠିକାର ମାଲ୍, ସେଥିପାଇଁ ଆମେ ଏପରି ମାନିନେଉ ଯେ ଇଏ ନୂଆ ମାଲ୍ ଦେବା ଆରମ୍ଭ କଲା । ନୂଆ ମାଲ୍ କେହି ଦିଏ ହିଁ ନାହିଁ, ଦିଆଯାଇଥିବା ହିଁ ଫେରିକି ଆସେ । ଆମ ଜ୍ଞାନରେ ସହନ କରିବାକୁ ପଡ଼େ ହିଁ ନାହିଁ । ଜ୍ଞାନ ଦ୍ୱାରା ବୁଝିନେବ ଯେ ସାମ୍‌ନାବାଲା 'ଶୁଦ୍ଧାତ୍ମା' ଅଟେ । ଏହା ଯାହା ଆସିଲା, ତାହା ମୋର କର୍ମର ଉଦୟରୁ ହିଁ ଆସିଛି, ସାମ୍‌ନାବାଲା ତ *ନିମିତ୍ତ* ଅଟେ । ପୁଣି ଆମ ପାଇଁ ଏହି 'ଜ୍ଞାନ' ଇଟସେଲ୍‌ଫ ହିଁ ପଜଲ୍ ସଲ୍‌ଭ କରିଦେବ ।

**ପ୍ରଶ୍ନକର୍ତ୍ତା :** ଏହାର ଅର୍ଥ ଏଇଆ ହେଲା, ଯେ ମନରେ ସମାଧାନ କରିନେବୁ ଯେ ଏହି ମାଲ୍ ଥିଲା, ତାହା ଫେରିକି ଆସିଛି ?

**ଦାଦାଶ୍ରୀ :** ସେ ନିଜେ ଶୁଦ୍ଧାତ୍ମା ଅଟେ ଆଉ ଏହା ତା'ର ପ୍ରକୃତି ଅଟେ । ପ୍ରକୃତି ଏହି ଫଳ ଦିଏ । ତୁମେ ଶୁଦ୍ଧାତ୍ମା, ସେ ମଧ୍ୟ ଶୁଦ୍ଧାତ୍ମା । ଏବେ ଦୁହେଁ ସାମ୍ନା-ସାମ୍ନି ସବୁ ହିସାବ ସୁଝୁଛନ୍ତି । ଏଥିରେ ଏହି ପ୍ରକୃତିର କର୍ମର ଉଦୟରୁ ସେ କିଛି ଦିଏ । ଏଥିପାଇଁ ମୁଁ କହିଛି ଯେ ଏହା ନିଜ କର୍ମର ଉଦୟ ଅଟେ ଏବଂ ସାମ୍‌ନାବାଲା କେବଳ *ନିମିତ୍ତ* ଅଟେ । ସେ ଫେରାଇ ଦେଇଗଲା ଏଥିପାଇଁ ତୁମ ହିସାବ ସୁଝିଗଲା । ଯେଉଁଠି ଏହି 'ସଲ୍ୟୁଶନ' ଥିବ, ସେଠି ପୁଣି ସହନ କରିବାକୁ ରୁହେ ହିଁ ନାହିଁ ନା !

ଏପରି ସ୍ପଷ୍ଟିକରଣ କରିବ ନାହିଁ, ତେବେ ସହନ କରିଲେ କ'ଣ ହେବ ? ଦିନେ ସେ 'ସ୍ପ୍ରିଙ୍ଗ' ଛିଟିକିବ । 'ସ୍ପ୍ରିଙ୍ଗ୍' ଛିଟିକିବାର ଦେଖିଛ ତୁମେ ? ମୋ 'ସ୍ପ୍ରିଙ୍ଗ୍' ବହୁତ ଛିଟିକୁଥିଲା । ଅନେକ ଦିନ ପର୍ଯ୍ୟନ୍ତ ମୁଁ ବହୁତ ସହନ କରି ନେଉଥିଲି ଆଉ ପୁଣି ଦିନେ ଛିଟିକିବା ମାତ୍ରେ ହିଁ ସବୁକିଛି ଅସ୍ତ-ବ୍ୟସ୍ତ କରି ଦେଉଥିଲି । ଏ ସବୁ ଅଜ୍ଞାନ ଦଶାରେ ଥିଲା, ମୋତେ ତାହାର ସ୍ମରଣ ଅଛି, ତାହା ମୋ ଲକ୍ଷ୍ୟରେ ଅଛି । ସେଥିପାଇଁ ତ ମୁଁ କହୁଛି ଯେ ସହନ କରିବା ତ ଶିଖିବ ହିଁ ନାହିଁ । ତାହା ତ' ଅଜ୍ଞାନ ଦଶାରେ ସହନ କରିବାକୁ ହୁଏ । ଏଠି ତ ଆମକୁ ସ୍ପଷ୍ଟ ବୁଝିନେବାର ଅଛି ଯେ ଏହାର ପରିଣାମ କ'ଣ ? ଏହାର କାରଣ କ'ଣ ? ହିସାବରେ ସଠିକ୍ ଭାବେ ଦେଖିନେବ । କୌଣସି ଜିନିଷ ହିସାବରୁ ବାହାରର ହୋଇ ନଥାଏ ।

## ଧକ୍କା ହେଲ, ନିଜର ହିଁ ଭୁଲ ଯୋଗୁଁ

ଏହି ଦୁନିଆରେ ଯାହା କିଛି ବି ଘର୍ଷଣ ହୋଇଥାଏ, ତାହା ତୁମର ହିଁ ଭୁଲ

ଅଟେ, ସାମ୍ନାବାଲାର ଭୁଲ ନୁହେଁ! ସାମ୍ନାବାଲା ତ ଧକ୍କା ହେବେ ହିଁ। 'ତୁମେ କାହିଁକି ଧକ୍କା ହେଲ ?' ତେବେ କୁହନ୍ତି, 'ସାମ୍‌ନାବାଲା ଧକ୍କା ଦେଲା, ସେଥିପାଇଁ!' ତେବେ ତୁମେ ମଧ୍ୟ ଅନ୍ଧ ଆଉ ସେ ମଧ୍ୟ ଅନ୍ଧ ହୋଇଗଲା।

**ପ୍ରଶ୍ନକର୍ତ୍ତା :** ଘର୍ଷଣ ଉପରେ ଘର୍ଷଣ କଲେ କ'ଣ ହୁଏ ?

**ଦାଦାଶ୍ରୀ :** ମୁଣ୍ଡ ଫାଟିଯିବ! ତେବେ ଯଦି ଘର୍ଷଣ ହୋଇଯାଏ, ସେତେବେଳେ ଆମକୁ କ'ଣ ବୁଝିବାର ଅଛି ?

**ପ୍ରଶ୍ନକର୍ତ୍ତା :** ନିଜର ହିଁ ଭୁଲ ଅଟେ।

**ଦାଦାଶ୍ରୀ :** ହଁ, ତାହାକୁ ତୁରନ୍ତ ଏକ୍ସେପ୍ଟ କରିନେବ। ମତଭେଦ ହେଲା ତେବେ ତୁମକୁ ବୁଝିବା ଉଚିତ୍ ଯେ 'ଏପରି ମୁଁ କ'ଣ କହିଦେଲି ଯେ ଏହି ମତଭେଦ ହୋଇଗଲା ?' ନିଜର ଭୁଲ ମାଲୁମ ହୋଇଯିବ, ତେବେ ସମାଧାନ ଆସିଯିବ। ପୁଣି ପଜ଼ଲ୍ ସଲ୍‌ଭ ହୋଇଯିବ। ନଚେତ୍ ଯେପର୍ଯ୍ୟନ୍ତ ଆମେ 'ସାମ୍‌ନାବାଲାର ଭୁଲ ଅଛି' ଏପରି ଖୋଜିବାକୁ ଯିବା ସେପର୍ଯ୍ୟନ୍ତ ଏହି ପଜ଼ଲ୍ କେବେ ମଧ୍ୟ ସଲ୍‌ଭ ହେବନାହିଁ। 'ନିଜର ହିଁ ଭୁଲ' ଏପରି ମାନିବ ତେବେଯାଇ ଏହି ସଂସାରର ଅନ୍ତ ଆସିବ। ଅନ୍ୟ କୌଣସି ଉପାୟ ନାହିଁ। ଅନ୍ୟ ସବୁ ଉପାୟ ଫସାଇବାବାଲା ଅଟେ ଏବଂ ଉପାୟ କରିବା, ତାହା ନିଜ ଭିତରର ଲୁଚି ରହିଥିବା ଅହଂକାର ଅଟେ। ଉପାୟ କ'ଣ ପାଇଁ ଖୋଜୁଛ ? ସାମ୍‌ନାବାଲା ଯଦି ତୁମର ଭୁଲ ବାହାର କରେ ତେବେ ତୁମକୁ ଏପରି କହିବାର ଅଛି ଯେ 'ମୁଁ ତ ପ୍ରଥମରୁ ହିଁ ତେଢ଼ା ଅଟେ।'

ବୁଦ୍ଧି ହିଁ ସଂସାରରେ ମତଭେଦ କରାଏ। ଆରେ, ଯଦି ଜଣେ ସ୍ତ୍ରୀର ଶୁଣି ଚାଲିବା ତେବେ ମଧ୍ୟ ପତନ ହୁଏ, ଘର୍ଷଣ ହୋଇଯାଏ, ପୁଣି ଇଏ ତ' ବୁଦ୍ଧି ଭଉଣୀ! ତା'ର ଶୁଣିବା ତେବେ କେଉଁଠୁ ଯାଇ କେଉଁଠି ଫିଙ୍ଗି ହୋଇଯିବା। ଆରେ, ରାତି ଦି'ଟାରେ ନିଦରୁ ଉଠାଇ ବୁଦ୍ଧି ଭଉଣୀ ଓଲଟା ଦେଖାଏ। ପତ୍ନୀ ତ' କିଛି ସମୟ ସାଥିରେ ରହେ। କିନ୍ତୁ ବୁଦ୍ଧି ଭଉଣୀ ତ' ନିରନ୍ତର ସାଙ୍ଗରେ ହିଁ ରହେ। ବୁଦ୍ଧି ତ 'ଡୀଥ୍ରୋନ୍'(ପଦଭ୍ରଷ୍ଟ) କରାଏ ଏପରି ଅଟେ।

ଯଦି ତୁମକୁ ମୋକ୍ଷରେ ହିଁ ଯିବାର ଅଛି, ତେବେ ବୁଦ୍ଧିର ବିଲକୁଲ ଶୁଣିବ ନାହିଁ। ବୁଦ୍ଧି ତ ଏପରି ଯେ ଜ୍ଞାନୀପୁରୁଷଙ୍କର ମଧ୍ୟ ଓଲଟା ଦେଖାଏ। ଆରେ, ଯାହାଦ୍ୱାରା ତୋତେ ମୋକ୍ଷ ପ୍ରାପ୍ତ ହୋଇପାରିବ, ତାଙ୍କର ଓଲଟା ଦେଖିଲୁ ? ଏହାଦ୍ୱାରା

ତ ତୁମ ମୋକ୍ଷ ତୁମଠାରୁ ଅନନ୍ତ ଜନ୍ମ ଦୂରେଇ ଯିବ ।

ଘର୍ଷଣ, ତାହା ଆମର ଅଜ୍ଞାନତା ହିଁ ଅଟେ । କାହାରି ସହ ବି ଘର୍ଷଣ ହେଲା, ତେବେ ତାହା ନିଜର ଅଜ୍ଞାନତାର ପରିଚୟ ଅଟେ । ସତ-ମିଛ ଭଗବାନ ଦେଖନ୍ତି ହିଁ ନାହିଁ । ଭଗବାନ ତ ଏପରି ଦେଖନ୍ତି ଯେ, 'ସେ ଯାହା ବି କହିଲା କିନ୍ତୁ କେଉଁଠି ଘର୍ଷଣ(ମତଭେଦ) ତ କଲା ନାହିଁ ନା ?' ତେବେ କହୁ, 'ନା' । ବାସ୍, ମୋତେ ଏତିକି ହିଁ ଦରକାର । ଅର୍ଥାତ୍ ସତ-ମିଛ ଭଗବାନଙ୍କର ସେଠି ଥାଏ ହିଁ ନାହିଁ, ତାହା ତ ଏହି ଲୋକଙ୍କଠାରେ ଥାଏ । ଭଗବାନଙ୍କଠାରେ ତ ଦ୍ୱନ୍ଦ ହିଁ ନଥାଏ ନା !

## ଯେଉଁମାନେ ଧକ୍କା ଲାଗନ୍ତି, ସେମାନେ ସବୁ କାନ୍ଥ

କାନ୍ଥ ସହ ଧକ୍କା ହେଲେ, ତେବେ କାନ୍ଥର ଭୁଲ ନା ଆମର ଭୁଲ ? କାନ୍ଥଠାରୁ ତୁମେ ନ୍ୟାୟ ମାଗିବ ଯେ 'ଘୁଞ୍ଚି ଯା, ଘୁଞ୍ଚି ଯା' କହିବ, ତେବେ ? ଆଉ ତୁମେ କହିବ ଯେ 'ମୁଁ ତ ଏହି ରାସ୍ତାରେ ହିଁ ଯିବି' ତେବେ ? କାହାର ମୁଣ୍ଡ ଫାଟିବ ?

**ପ୍ରଶ୍ନକର୍ତ୍ତା :** ନିଜର ।

**ଦାଦାଶ୍ରୀ :** ଅର୍ଥାତ କାହାକୁ ସାବଧାନ ରହିବାକୁ ହେବ ? ସେଥିରେ କାନ୍ଥକୁ କ'ଣ ? ସେଥିରେ ଦୋଷ କାହାର ? ଯାହାକୁ ବାଜିଲା ତା'ର ଦୋଷ । ଅର୍ଥାତ୍ ଜଗତ କାନ୍ଥ ପରି ଅଟେ ।

କାନ୍ଥ ସହ ଧକ୍କା ହେଲେ କାନ୍ଥ ସହିତ ମତଭେଦ ହୁଏ କି ? କେବେ ଯଦି କାନ୍ଥ ସହିତ ବା କବାଟ ସହିତ ତୁମେ ବାଡ଼େଇ ହୋଇଗଲ, ତେବେ ସେହି ସମୟରେ କବାଟ ସହିତ ବା କାନ୍ଥ ସହିତ ମତଭେଦ ହୁଏ କି ?

**ପ୍ରଶ୍ନକର୍ତ୍ତା :** ଏ କବାଟ ତ ନିର୍ଜୀବ ବସ୍ତୁ ଅଟେ ନା !

**ଦାଦାଶ୍ରୀ :** ଅର୍ଥାତ୍ କେବଳ ଜୀବମାନଙ୍କ ପାଇଁ ହିଁ ତୁମେ ଏପରି ମାନୁଛ ଯେ ଇଏ ମୋ ସହିତ ଧକ୍କା ଲାଗିଲା । ଏହି ଦୁନିଆରେ ଯେଉଁମାନେ ଧକ୍କା ଲାଗନ୍ତି, ସେମାନେ ସମସ୍ତେ ନିର୍ଜୀବ ବସ୍ତୁ ଅଟନ୍ତି । ଯେଉଁମାନେ ଧକ୍କା ହୁଅନ୍ତି, ସେମାନେ ଜୀବନ୍ତ ନୁହଁନ୍ତି, ଜୀବନ୍ତ ଧକ୍କା ହୁଅନ୍ତି ନାହିଁ । ନିର୍ଜୀବ ବସ୍ତୁ ଧକ୍କା ହୁଏ । ଏଥିପାଇଁ ତୁମକୁ ତା'କୁ କାନ୍ଥ ଭଳି ହିଁ ବୁଝିନେବାର ଅଛି, ଅର୍ଥାତ୍ ଦଖଲ(ହସ୍ତକ୍ଷେପ) କରିବାର

ନାହିଁ ! ଆଉ ଏମିତି କିଛି ସମୟ ପରେ କହିବ, 'ଚାଲ, ଚାହା ପିଇବା ।'

ଯଦି ଗୋଟିଏ ପିଲା ପଥର ମାରେ ଆଉ ରକ୍ତ ବାହାରି ଆସେ, ତେବେ ପିଲାକୁ କ'ଣ କରିବ ? ରାଗିବ । ଆଉ ତୁମେ ଯାଉଥିବ ଏବଂ ପାହାଡ଼ ଉପରୁ ଏକ ପଥର ପଡ଼ିଲା, ତାହା ତୁମ ଦେହରେ ବାଜିଲା ଆଉ ରକ୍ତ ବାହାରିଲା, ସେତେବେଳେ ପୁଣି କ'ଣ କରିବ ? ରାଗିବ ? ନା । ତାହାର କ'ଣ କାରଣ ? ତାହା ପାହାଡ଼ ଉପରୁ ପଡ଼ିଛି । ଏହି ପଥର ପାହାଡ଼ ଉପରୁ ପଡ଼ିଲା, ତାହା କିଏ କଲା ? ଆଉ ସେଠି ସେ ପିଲାଟି ପଥର ମାରିବା ପରେ ପଶ୍ଚାତାପ କରୁଥାଇ ପାରେ ଯେ ମୋ ଦ୍ୱାରା ଏହା କ'ଣ ହୋଇଗଲା !

ଏଣୁ ଏହି ଦୁନିଆକୁ ବୁଝ । ମୋ ପାଖକୁ ଆସିବ ତେବେ ଚିନ୍ତା ହେବ ନାହିଁ, ଏପରି ତୁମକୁ କରିଦେବି । ଆଉ ସଂସାରରେ ଭଲ ଭାବରେ ରୁହ ଏବଂ ୱାଇଫ୍ ସହିତ ଆରାମରେ ବୁଲାବୁଲି କର । ଏବଂ ପୁଅ-ଝିଅଙ୍କର ବିବାହ କରାଅ ଆରାମରେ ! ପୁଣି ୱାଇଫ୍ ଖୁସି ହୋଇଯିବ, ଆଉ କହିବ 'ମାନିବାକୁ ପଡ଼ିବ, କେତେ ସିଆଣିଆ ବନାଇ ଦେଲେ ମୋ ପତିଙ୍କୁ !'

ଏବେ, ୱାଇଫ୍‌ର କୌଣସି ପଡ଼ୋଶୀ ସହିତ ଝଗଡ଼ା ହୋଇଯାଇଥିବ ଆଉ ତା'ର ମୁଣ୍ଡ ଗରମ ହୋଇଯାଇଥିବ, ସେତେବେଳେ ତୁମେ ବାହାରୁ ଆସିଲ ଆଉ ସେ ଉଗ୍ରତାର ସହ କଥାବାର୍ତ୍ତା କରେ, ସେତେବେଳେ ତୁମେ କ'ଣ କରିବ ? ତୁମେ ମଧ୍ୟ ଉଗ୍ର ହୋଇଯିବ ? ଏପରି ସଂଯୋଗ ଆସିଯାଏ, ସେଠାରେ ଏଡ଼ଜଷ୍ଟ ହୋଇ ଆମକୁ ଚାଲିବା ଉଚିତ୍ । ଆଜି ସେ କେଉଁ ସଂଯୋଗ ଦ୍ୱାରା କ୍ରୋଧିତ ହୋଇଛି, କାହା ସହିତ କ୍ରୋଧିତ ହୋଇଛି, କ'ଣ ମାଲୁମ ? ତୁମେ ପୁରୁଷ ଅଟ, ମତଭେଦ ହେବାକୁ ଦେବ ନାହିଁ । ସେ ମତଭେଦ କରେ ତେବେ ମନାଇ ନେବ । ମତଭେଦ ଅର୍ଥାତ୍ ଘର୍ଷଣ !

## ସାଇନ୍ସ, ବୁଝିବା ଯୋଗ୍ୟ

**ପ୍ରଶ୍ନକର୍ତ୍ତା :** ଆମକୁ କ୍ଳେଶ କରିବାର ନଥିବ, କିନ୍ତୁ ସାମ୍‌ନାରୁ ଆସି ଝଗଡ଼ା କରିବାକୁ ଲାଗିଲେ, ସେତେବେଳେ କ'ଣ କରିବୁ ?

**ଦାଦାଶ୍ରୀ :** ଏହି କାନ୍ଥ ସହିତ ଲଢ଼ିବ ତେବେ କେତେ ସମୟ ପର୍ଯ୍ୟନ୍ତ

ଲଢ଼ିପାରିବ ? କେବେ ଯଦି ଏହି କାନ୍ଥରେ ମୁଣ୍ଡ ବାଡ଼େଇ ହୋଇଯାଏ, ତେବେ ତୁମେ ତାହା ସହିତ କ'ଣ କରିବ ? ମୁଣ୍ଡ ବାଡ଼େଇ ହେଲା, ମାନେ ତୁମର କାନ୍ଥ ସହ ଝଗଡ଼ା ହୋଇଗଲା, ଏବେ କ'ଣ କାନ୍ଥକୁ ମାରିବ ? ସେହିଭଳି ଏମାନେ ଯେଉଁମାନେ ବହୁତ କ୍ଲେଶ କରାନ୍ତି, ସେମାନେ ସବୁ କାନ୍ଥ ଅଟନ୍ତି ! ଏଥିରେ ସାମ୍ନାବାଲାକୁ କ'ଣ ଦେଖିବା, ତୁମକୁ ନିଜକୁ ନିଜେ ବୁଝିନେବାର ଅଛି ଯେ ଏମାନେ କାନ୍ଥପରି ଅଟନ୍ତି, ପୁଣି କିଛି ଅସୁବିଧା ନାହିଁ ।

**ପ୍ରଶ୍ନକର୍ତ୍ତା :** ଆମେ ମୌନ ରହିବୁ ତେବେ ସାମ୍ନାବାଲା ଉପରେ ଓଲଟା ପ୍ରଭାବ ପଡ଼େ ଯେ 'ୟାଙ୍କର ହିଁ ଦୋଷ' ଏବଂ ସେ ଅଧିକ କ୍ଲେଶ କରେ ।

**ଦାଦାଶ୍ରୀ :** ଏହା ତ' ତୁମେ ମାନିନେଲ ଯେ ମୁଁ ମୌନ ରହିଲି, ସେଥିପାଇଁ ଏପରି ହେଲା । ରାତିରେ ଜଣେ ବ୍ୟକ୍ତି ଉଠିଲା ଆଉ ବାଥ୍‌ରୁମ୍ ଯିବାବେଳେ ଅନ୍ଧାରରେ କାନ୍ଥ ସହ ଧକ୍କା ହୋଇଗଲା, ତେବେ ସେଠାରେ ସେ ମୌନ ରହିଲା, ସେଥିପାଇଁ ତାହା ଧକ୍କା ହେଲା ?

ମୌନ ରୁହ ବା କୁହ, ତାହାକୁ ସ୍ପର୍ଶ ହିଁ କରେ ନାହିଁ, କିଛି ନେବା-ଦେବା ନାହିଁ । ଆମର ମୌନ ରହିବା ଦ୍ୱାରା ସାମ୍ନାବାଲା ଉପରେ ପ୍ରଭାବ ପଡ଼େ ଏପରି କିଛି ନୁହେଁ ଏବଂ ଆମର କହିବା ଦ୍ୱାରା ପ୍ରଭାବ ପଡ଼େ, ଏପରି ମଧ୍ୟ କିଛି ନୁହେଁ । 'ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ ଏଭିଡ଼େନ୍ସ' ଅଟେ । କାହାର ଏତିକି ମଧ୍ୟ ସତ୍ତା(କ୍ଷମତା) ନାହିଁ । ବିଲ୍‌କୁଲ୍ ସତ୍ତାବିହୀନ ଜଗତ, ସେଥିରେ କିଏ କ'ଣ କରିପାରିବ ? ଯଦି ଏହି କାନ୍ଥ ପାଖରେ ସତ୍ତା ଥାଆନ୍ତା, ତେବେ ସାମ୍ନାବାଲା ବ୍ୟକ୍ତି ପାଖରେ ମଧ୍ୟ ସତ୍ତା ଥାଆନ୍ତା । ତୁମର ଏହି କାନ୍ଥକୁ ଗାଳିଦେବାର ସତ୍ତା ଅଛି ? ଏହିପରି ସାମ୍ନାବାଲା ପାଇଁ ମଧ୍ୟ ଅଟେ । ଆଉ ତା' ନିମିତ୍ତରୁ ଯେଉଁ ଘର୍ଷଣ ଅଛି, ତାହା ତ' ଛାଡ଼ିବ ନାହିଁ, ସେଥିରୁ ବଞ୍ଚିହେବ ନାହିଁ । ବ୍ୟର୍ଥ ଚିତ୍କାର କରିବାର ମାନେ କ'ଣ ? ଯେବେକି ତା' ହାତରେ ସତ୍ତା ହିଁ ନାହିଁ । ଏଥିପାଇଁ ତୁମେ ମଧ୍ୟ କାନ୍ଥପରି ହୋଇଯାଅ ନା ! ତୁମେ ପତ୍ନୀକୁ ସବୁବେଳେ ଗାଳି କରୁଛ, କିନ୍ତୁ ତା' ଭିତରେ ଯେଉଁ ଭଗବାନ ବସିଛନ୍ତି, ସେ ନୋଟ୍ କରନ୍ତି ଯେ ଇଏ ମୋତେ ଗାଳି କରୁଛି । ଆଉ ଯଦି ସେ ତୁମକୁ ଗାଳିକରେ, ସେତେବେଳେ ତୁମେ କାନ୍ଥ ପରି ହୋଇ ଯାଅ । ତେବେ ତୁମ ଭିତରେ ବସିଥିବା ଭଗବାନ ତୁମକୁ 'ହେଲ୍ପ' କରିବେ ।

ଅତଃ ଯଦି ଆମର ଭୁଲ ଥିବ, ସେତେବେଳେ କାନ୍ଥ ଧକ୍କା ଲାଗେ । ସେଥିରେ କାନ୍ଥର ଭୁଲ ନାହିଁ । ସେତେବେଳେ ଲୋକେ ମୋତେ ପଚାରନ୍ତି ଯେ, 'ଏହି ସବୁ ଲୋକ କ'ଣ କାନ୍ଥ ଅଟନ୍ତି ?' ତେବେ ମୁଁ କୁହେ ଯେ, 'ହଁ, ଲୋକମାନେ ମଧ୍ୟ କାନ୍ଥ ହିଁ ଅଟନ୍ତି ।' ଏହା ମୁଁ 'ଦେଖିକରି' କହୁଛି, ଏହା କୌଣସି ଗପ୍ପ ନୁହେଁ ।

କାହା ସହିତ ମତଭେଦ ହେବା ଆଉ କାନ୍ଥରେ ଧକ୍କା ହେବା, ଏ ଦୁଇଟି କଥା ସମାନ ଅଟେ । ଏହି ଦୁଇଟିରେ ପ୍ରଭେଦ ନାହିଁ । କାନ୍ଥରେ ଯିଏ ଧକ୍କା ହୁଏ, ସେ ଦେଖାନଯିବା କାରଣରୁ ଧକ୍କା ହୁଏ ଆଉ ମତଭେଦ ହୁଏ, ତାହା ମଧ୍ୟ ଦେଖାନଯିବା କାରଣରୁ ମତଭେଦ ହୁଏ । ଆଗକୁ ତା'କୁ କିଛି ଦେଖାଯାଏ ନାହିଁ, ଆଗର ତା'କୁ ସଲ୍ୟୁସନ ମିଳେ ନାହିଁ, ସେଥିପାଇଁ ମତଭେଦ ହୁଏ । ଏ କ୍ରୋଧ-ମାନ-ମାୟା-ଲୋଭ ଇତ୍ୟାଦି କରନ୍ତି, ତାହା ନ ଦେଖାଯିବା କାରଣରୁ ହିଁ କରନ୍ତି ! ତେବେ ଏହିପରି କଥାକୁ ବୁଝିବା ଉଚିତ୍ ନା ! ଯାହାକୁ ବାଜିଲା ତା'ର ଦୋଷ ନା ! କାନ୍ଥର କିଛି ଦୋଷ ଅଛି ? ତେବେ ଏହି ସଂସାରରେ ସମସ୍ତେ କାନ୍ଥ ହିଁ ଅଟନ୍ତି । କାନ୍ଥ ଧକ୍କା ଲାଗେ, ସେତେବେଳେ ତୁମେ ତାହା ସହିତ ଠିକ-ଭୁଲ କରିବାକୁ ଯାଅନାହିଁ ନା ? ଯେ 'ଏହା ମୋର ଠିକ ଅଟେ' ଏପରି ଲଢ଼ିବାର ଝଂଝଟ୍‌ରେ ତୁମେ ପଡ଼ନାହିଁ ନା ? ସେହିପରି ଏମାନେ ସମସ୍ତେ କାନ୍ଥର ସ୍ଥିତିରେ ହିଁ ଅଛନ୍ତି । ଆମେ ଠିକ୍ ବୋଲି ତା'ଙ୍କୁ ମନାଇବାର ଆବଶ୍ୟକତା ହିଁ ନାହିଁ ।

ଯେଉଁମାନେ ଧକ୍କା ଲାଗନ୍ତି(ମତଭେଦ କରନ୍ତି), ସେମାନେ କାନ୍ଥ ହିଁ ଅଟନ୍ତି, ଏହା ତୁମେ ବୁଝିନିଅ । ପୁଣି କବାଟ କେଉଁଠି ଅଛି, ତାହାକୁ ଯଦି ଖୋଜିବ ତେବେ ଅନ୍ଧାରରେ କବାଟ ମିଳିଯିବ । ଏମିତି ହାତରେ ଅଣ୍ଡାଳି-ଅଣ୍ଡାଳି ଯାଅ ତେବେ କବାଟ ମିଳେ ନା ମିଳେ ନାହିଁ ? ଆଉ ସେହି ରାସ୍ତା ଦେଇ ପୁଣି ବାହାରି ଯାଅ । ଧକ୍କା ହେବ ନାହିଁ । ଏପରି ନିୟମ ପାଳିବା ଉଚିତ୍ ଯେ 'ମୋତେ କାହାରି ଘର୍ଷଣରେ ଆସିବାର ନାହିଁ ।'

## ଏପରି ଜୀବନ ଜୀଇଁବା

ଏ ତ ଜୀବନ ଜୀଇଁବା ହିଁ ଆସୁନାହିଁ । ବାହା ହେବା ମଧ୍ୟ ଆସି ନଥିଲା । ବଡ଼ ମୁସ୍‌କିଲ୍‌ରେ ବାହାଘର ହେଲା ! ବାପ ହେବା ଆସିଲା ନାହିଁ, ଆଉ ଏମିତି ହିଁ

ବାପ ହୋଇଗଲା । ଏବେ, ପିଲାମାନେ ଖୁସି ହୋଇଯିବେ, ଏପରି ଜୀବନ ଜୀଇଁବା ଉଚିତ୍ । ସକାଳେ ସମସ୍ତଙ୍କୁ ସ୍ଥିର କରିବା ଉଚିତ୍ ଯେ, 'ଭାଇ, ଆଜି କାହା ସହିତ ସାମ୍ନା-ସାମ୍ନି ଘର୍ଷଣ ନ ହେଉ ।' ଯଦି ଘର୍ଷଣରୁ ଫାଇଦା ହେଉଥିବ, ତେବେ ତାହା ମୋତେ ଦେଖାଅ । କ'ଣ ଫାଇଦା ହୁଏ ?

**ପ୍ରଶ୍ନକର୍ତ୍ତା :** ଦୁଃଖ ହୁଏ ।

**ଦାଦାଶ୍ରୀ :** କେବଳ ଯେ ଦୁଃଖ ହୁଏ ଏତିକି ନୁହେଁ, ଏହି ଘର୍ଷଣରୁ ଏବେ ତ କେବଳ ଦୁଃଖ ହୋଇଛି, କିନ୍ତୁ ସାରାଦିନ ବିଗିଡ଼ିଯାଏ ଏବଂ ପରଜନ୍ମରେ ପୁଣି ମନୁଷ୍ୟଜନ୍ମ ଚାଲିଯାଏ । ମନୁଷ୍ୟଜନ୍ମ କେବେ ରହିବ, ସଜ୍ଜନତା ଥିବ ତେବେ ମନୁଷ୍ୟଜନ୍ମ ରହିବ । କିନ୍ତୁ ପାଶବତା ଥିବ, ବାରମ୍ବାର ଲାତ ମାରୁଥିବ, ବାରମ୍ବାର ଶିଙ୍ଗ ମାରୁଥିବ, ପୁଣି ସେଠାରେ ମନୁଷ୍ୟଜନ୍ମ ଆସିବ ? ଗାଈ-ମଇଁଷି ଶିଙ୍ଗ ମାରନ୍ତି, ନା ମଣିଷ ମାରନ୍ତି ?

**ପ୍ରଶ୍ନକର୍ତ୍ତା :** ମଣିଷ ଅଧିକ ମାରୁଛନ୍ତି ।

**ଦାଦାଶ୍ରୀ :** ମଣିଷ ମାରିବ ତେବେ ପୁଣି ତା'କୁ ପଶୁଗତିରେ ଯିବାକୁ ପଡ଼ିବ । ଅର୍ଥାତ୍ ସେଠାରେ ଦୁଇ ବଦଳରେ ଚାରି ଗୋଡ଼ ଆଉ ଉପରୁ ପୁଣି ଲାଞ୍ଜ ମିଳିବ ! ସେଠାରେ କ'ଣ ଏମିତି-ସେମିତି ! ସେଠାରେ କ'ଣ ଦୁଃଖ ନାହିଁ? ବହୁତ ଦୁଃଖ ଅଛି । ଟିକିଏ ବୁଝିବାକୁ ପଡ଼ିବ । ଏମିତି କିପରି ଚଳିବ ?

## ଘର୍ଷଣ, ତାହା ଅଜ୍ଞାନତା ହିଁ ଅଟେ ନିଜର

**ପ୍ରଶ୍ନକର୍ତ୍ତା :** ଜୀବନରେ ସ୍ୱଭାବ ମେଳ ଖାଏନାହିଁ, ସେଥିପାଇଁ ଘର୍ଷଣ(ମତଭେଦ) ହୁଏ ନା ?

**ଦାଦାଶ୍ରୀ :** ଘର୍ଷଣ ହୁଏ, ତାହାର ନାମ ସଂସାର ।

**ପ୍ରଶ୍ନକର୍ତ୍ତା :** ଘର୍ଷଣ ହେବାର କାରଣ କ'ଣ ?

**ଦାଦାଶ୍ରୀ :** ଅଜ୍ଞାନତା । ଯେପର୍ଯ୍ୟନ୍ତ କାହାରି ସହିତ ବି ମତଭେଦ ହେଉଛି, ତେବେ ତାହା ତୁମର ନିର୍ବଳତାର ସଙ୍କେତ ଅଟେ । ଲୋକମାନେ ଭୁଲ ନୁହନ୍ତି, ମତଭେଦରେ ଭୁଲ ତୁମର ଅଟେ । ଲୋକଙ୍କର ଭୁଲ ହିଁ ନଥାଏ । ସେ ଜାଣିଶୁଣି ମଧ୍ୟ କରୁଥାଉ, ଆମକୁ ସେଠାରେ କ୍ଷମା ମାଗିନେବା ଉଚିତ୍ ଯେ, ''ଭାଇ, ଏହା

ମୋତେ ବୁଝା ପଡୁନାହିଁ ।'' ବାକି, ଲୋକେ ଭୁଲ କରନ୍ତି ହିଁ ନାହିଁ । ଲୋକମାନେ ମତଭେଦ ହେବାକୁ ଦେବେ, ଏପରି ବିଲକୁଲ ନୁହଁନ୍ତି । ଯେଉଁଠି ମତଭେଦ ହେଲା, ସେଠି ନିଜର ହିଁ ଭୁଲ ।

**ପ୍ରଶ୍ନକର୍ତ୍ତା :** ଖୁଣ୍ଟ ମଝିରେ ଥିବ ଏବଂ ଧକ୍କା ଏଡ଼ାଇବାର ଥିବ, ତେବେ ଆମେ ଗୋଟେପଟ ହୋଇ ଖସିଯିବୁ, କିନ୍ତୁ ଯଦି ଖୁଣ୍ଟ ନିଜେ ଆସି ଆମ ଉପରେ ପଡ଼େ, ତେବେ ସେଠାରେ ଆମେ କ'ଣ କରିବୁ ?

**ଦାଦାଶ୍ରୀ :** ପଡ଼େ, ତେବେ ଖସିଯିବ ।

**ପ୍ରଶ୍ନକର୍ତ୍ତା :** କେତେ ବି ଖସିବାକୁ ଯାଉ ତଥାପି ଖୁଣ୍ଟ ଆମ ଦେହରେ ନବାଜି ରୁହେ ନାହିଁ । ଉଦାହରଣ ସ୍ୱରୂପ, ନିଜ ପତ୍ନୀ ହିଁ ଘର୍ଷଣ କରାଏ(ଝଗଡ଼ା କରେ) ।

**ଦାଦାଶ୍ରୀ :** ଝଗଡ଼ା କରେ, ସେହି ସମୟରେ ଆମେ କ'ଣ କରିବା ଉଚିତ, ଏହା ଖୋଜି ବାହାର କର ।

**ପ୍ରଶ୍ନକର୍ତ୍ତା :** ସାମ୍ନାବାଲା ବ୍ୟକ୍ତି ଆମର ଅପମାନ କରେ ଆଉ ଆମକୁ ଅପମାନ ଲାଗେ, ତାହାର କାରଣ ନିଜର ଅହଂକାର ଅଟେ ?

**ଦାଦାଶ୍ରୀ :** ବାସ୍ତବରେ ତ, ସାମ୍ନାବାଲା ଯେଉଁ ଅପମାନ କରେ, ସେ ଆମର ଅହଂକାରକୁ ତରଳାଇ ଦିଏ, ଆଉ ତାହା ବି 'ଡ୍ରାମାଟିକ୍' ଅହଂକାରକୁ, ଯେତିକି ଏକ୍ସେସ୍ ଅହଂକାର ଥାଏ, ତାହା ତରଳେ, ସେଥିରେ ଆମର କ'ଣ ବିଗିଡ଼ିଯିବ ? ଏମାନେ କର୍ମକ୍ଷୟ ହେବାକୁ ଦେଉ ନାହାଁନ୍ତି । ଆମକୁ ତ' ଛୋଟ ପିଲା ମଧ୍ୟ ସାମ୍ନାରେ ଥାଉ, ତଥାପି କହିବା ଉଚିତ୍ ଯେ 'ଏବେ ଆମକୁ ମୁକୁଳାଇ ଦେ' ।

## ଧାରଣ କରିନିଅ ସବୁ, ସାଗର ଭଳି ପେଟରେ

**ପ୍ରଶ୍ନକର୍ତ୍ତା :** ଦାଦା, ବ୍ୟବହାରରେ ଭ୍ୟୁ-ପଏଣ୍ଟର ମତଭେଦରେ, ବଡ଼ ସାନର ଭୁଲ ବାହାର କରେ, ସାନ ନିଜଠାରୁ ସାନର ଭୁଲ ବାହାର କରେ, ଏପରି କାହିଁକି ?

**ଦାଦାଶ୍ରୀ :** ତାହା ତ ଏପରି ଯେ ବଡ଼ ସାନକୁ ଖାଇଯାଏ, ବଡ଼ ସାନର ଭୁଲ ବାହାର କରେ, ତାହା ଅପେକ୍ଷା ତୁମେ କୁହ ଯେ ମୋର ହିଁ ଭୁଲ ଅଛି । ଭୁଲକୁ ସ୍ୱୀକାର କରିନିଅ, ତେବେ ତାହାର ସମାଧାନ ବାହାରେ । 'ମୁଁ' କ'ଣ କରେ ନା ସାମ୍‌ନାବାଲା ଯଦି ସହନ ନକରି ପାରେ ତେବେ 'ମୁଁ' ନିଜ ଉପରକୁ ହିଁ ନେଇନିଏ, ଅନ୍ୟର ଭୁଲ ବାହାର କରେ ନାହିଁ । ଅନ୍ୟକୁ କାହିଁକି ଦୋଷ ଦେବା ? ନିଜ ପାଖରେ ସାଗର ସମାନ ପେଟ ଅଛି ! ଦେଖ ନା, ମୁମ୍ବାଇର ସବୁ ନାଳର ପାଣି ସାଗର ନିଜଠାରେ ଧାରଣ କରିନିଏ ନା ? ସେହିପରି ତୁମେ ମଧ୍ୟ ପିଇଯାଅ । ଏହାଦ୍ୱାରା କ'ଣ ହେବ ନା, ଏହି ପିଲାମାନଙ୍କ ଉପରେ ଏବଂ ସବୁ ଲୋକଙ୍କ ଉପରେ ପ୍ରଭାବ ପଡ଼ିବ । ସେମାନେ ମଧ୍ୟ ଶିଖିବେ । ପିଲାମାନେ ମଧ୍ୟ ବୁଝିଯାଆନ୍ତି ଯେ ୟାଙ୍କ ପେଟ ସାଗର ପରି ଅଟେ ! ଯେତିକି ଆସେ, ସେତିକି ଜମା କରିନିଅ । ବ୍ୟବହାରରେ ଏପରି ନିୟମ ଅଛି ଯେ ଅପମାନ କରିଲାବାଲା ନିଜର ଶକ୍ତି ଆମକୁ ଦେଇକରି ଯାଏ । ଏଣୁ ଅପମାନ ପିଇଯାଅ, ହସି ହସି !

## 'ନ୍ୟାୟ-ସ୍ୱରୂପ', ସେଠାରେ ଉପାୟ ତପ

**ପ୍ରଶ୍ନକର୍ତ୍ତା :** ଘର୍ଷଣ ଟାଳିବାର, 'ସମଭାବରେ *ନିକାଲ୍*'(ନିପ୍‌ଟାରା) କରିବାର ନିଜର ବୃତ୍ତି ଥିବ, ତଥାପି ସାମ୍‌ନାବାଲା ବ୍ୟକ୍ତି ଆମକୁ ହଇରାଣ କରେ, ଅପମାନ କରେ, ତେବେ ଆମେ କ'ଣ କରିବୁ ?

**ଦାଦାଶ୍ରୀ :** କିଛି ନୁହଁ । ତାହା ତୁମର ହିସାବ ଅଟେ । ସେଥିପାଇଁ ତାହାର 'ସମଭାବରେ *ନିକାଲ୍*' କରିବାର ଅଛି, ତୁମକୁ ଏପରି ସ୍ଥିର କରିବା ଉଚିତ୍ । ତୁମେ ନିଜ 'ନିଶ୍ଚୟ'ରେ ହିଁ ରୁହ ଏବଂ ନିଜେ ନିଜେ ପଜ୍‌ଲ୍ ସଲ୍‌ଭ କରିଚାଲ ।

**ପ୍ରଶ୍ନକର୍ତ୍ତା:** ଏହି ଘର୍ଷଣ ହୁଏ, ତାହା 'ବ୍ୟବସ୍ଥିତ'ର ଆଧାରରେ ହିଁ ହୁଏ ନା ?

**ଦାଦାଶ୍ରୀ :** ହଁ, ଯେଉଁ ଘର୍ଷଣ ଅଛି, ତାହା 'ବ୍ୟବସ୍ଥିତ'(ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ୍ ଏଭିଡେନ୍ସ)ର ଆଧାରରେ ଅଛି, କିନ୍ତୁ ଏପରି କେତେବେଳେ କହିପାରିବା ? ଘର୍ଷଣ ହୋଇସାରିବା ପରେ । 'ଆମକୁ ଘର୍ଷଣ କରିବାର ନାହିଁ' ଏପରି

ତୁମର 'ନିଶ୍ଚୟ' ରହିବା ଉଚିତ୍ । ସାମ୍ନାରେ ଯଦି ଖୁଣ୍ଟ ଦେଖାଯାଏ, ତେବେ ତୁମେ ବୁଝିନିଅ ଯେ ଖୁଣ୍ଟ ଅଛି, ବୁଲିକରି ଯିବାକୁ ହେବ, ଧକ୍କା ତ' ହେବାର ହିଁ ନାହିଁ । କିନ୍ତୁ ତଥାପି ଯଦି ଧକ୍କା ହୋଇଯାଏ, ତେବେ ତୁମେ କହିବ ଯେ 'ବ୍ୟବସ୍ଥିତ' ଅଟେ । ପ୍ରଥମରୁ ହିଁ 'ବ୍ୟବସ୍ଥିତ' ଅଟେ, ଏପରି ମାନି ଚାଲିବ, ତେବେ ତ' 'ବ୍ୟବସ୍ଥିତ'ର ଦୂରୁପୋଯୋଗ ହେଲା କୁହାଯିବ ।

## ଘର୍ଷଣ ଦ୍ୱାରା ଶକ୍ତିକ୍ଷୟ

ସମସ୍ତ ଆତ୍ମଶକ୍ତି ଯଦି ଖତମ ହେଉଥିବ, ତେବେ ତାହା ଘର୍ଷଣ ଦ୍ୱାରା । ଟିକିଏ ବି ଧକ୍କା ହେଲ ତେବେ ଖତମ । ସାମ୍ନାବାଲା ଧକ୍କା ହୁଏ, ସେତେବେଳେ ଆମକୁ ସଂଯମପୂର୍ବକ ରହିବା ଉଚିତ୍ । ଘର୍ଷଣ ତ ବିଲକୁଲ ନହେବା ଉଚିତ । ପୁଣି ପଛେ ଏ ଦେହ ବି ଯିବ ଯଦି ଯାଉ, କିନ୍ତୁ ଘର୍ଷଣରେ ନ ପଡ଼ିବା ଉଚିତ୍ । ଯଦି କେବଳ ଘର୍ଷଣ ନହେବ, ତେବେ ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିନେବ । କେହି ଯଦି ଏତିକି ହିଁ ଶିଖିଗଲା ଯେ 'ମୋତେ ଘର୍ଷଣରେ ଆସିବାର ନାହିଁ', ତେବେ ପୁଣି ତା'କୁ ଗୁରୁଙ୍କର ଅବା ଆଉ କାହାର ମଧ୍ୟ ଆବଶ୍ୟକତା ନାହିଁ । ଗୋଟିଏ କିମ୍ବା ଦୁଇଟି ଜନ୍ମରେ ସିଧା ମୋକ୍ଷରେ ଯିବ । 'ଘର୍ଷଣରେ ଆସିବାର ହିଁ ନାହିଁ' ଏପରି ଯଦି ତା'ର ଶ୍ରଦ୍ଧାରେ ବସିଗଲା ଆଉ 'ନିଶ୍ଚୟ' ହିଁ କରିନେଲା, ସେବେଠାରୁ ହିଁ ସେ ସମକିତ୍ ହୋଇଗଲା ! ଅର୍ଥାତ୍ ଯଦି କାହାକୁ ସମକିତ୍ କରିବାର ଥିବ ତେବେ ମୁଁ ଗ୍ୟାରେଣ୍ଟି ଦେଉଛି ଯେ ଯାଅ, ଘର୍ଷଣ ନ କରିବାର ନିଶ୍ଚୟ କରିନିଅ, ସେବେଠାରୁ ସମକିତ୍ ହୋଇଯିବ । ଦେହର ଘର୍ଷଣ ହୋଇଥିବ ଆଉ କ୍ଷତ ହୋଇଥିବ ତେବେ ଚିକିତ୍ସା କଲେ ଠିକ୍ ହୋଇଯିବ । କିନ୍ତୁ ଘର୍ଷଣ ଏବଂ ସଂଘର୍ଷଣରୁ ମନରେ ଯେଉଁ ଦାଗ ପଡ଼ିଯାଇଥିବ, ବୁଦ୍ଧି ଉପରେ ଦାଗ ପଡ଼ିଯାଇଥିବ, ସେସବୁ କିଏ ବାହାର କରିବ ? ହଜାର ଜନ୍ମ ପର୍ଯ୍ୟନ୍ତ ବି ଯିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ଘର୍ଷଣ ଏବଂ ସଂଘର୍ଷଣ ଦ୍ୱାରା ମନ ଏବଂ ବୁଦ୍ଧି ଉପରେ କ୍ଷତ ହୋଇଯାଏ ?

**ଦାଦାଶ୍ରୀ :** ଆରେ, ମନ-ବୁଦ୍ଧି ଉପରେ ତ କ'ଣ, ପୁରା ଅନ୍ତଃକରଣ ଉପରେ କ୍ଷତ ହୋଇଚାଲିଥାଏ ଏବଂ ତାହାର ପ୍ରଭାବ ଶରୀର ଉପରେ ମଧ୍ୟ ପଡ଼େ ।

ଘର୍ଷଣରୁ ତ ଅନେକ ଅସୁବିଧା ହୁଏ ।

**ପ୍ରଶ୍ନକର୍ତ୍ତା :** ଆପଣ କୁହନ୍ତି ଯେ ଘର୍ଷଣ ଦ୍ୱାରା ସବୁ ଶକ୍ତି ଖତମ ହୋଇଯାଏ, ତେବେ କ'ଣ ଜାଗୃତି ଦ୍ୱାରା ଶକ୍ତି ଫେରିଆସିବ ?

**ଦାଦାଶ୍ରୀ :** ଶକ୍ତି ଆଣିବାର ଆବଶ୍ୟକତା ନାହିଁ । ଶକ୍ତି ତ' ଅଛି । ଶକ୍ତି ଏବେ ଉତ୍ପନ୍ନ ହେଉଛି । ପ୍ରଥମେ ଯେଉଁ ଘର୍ଷଣସବୁ ହୋଇଯାଇଥିଲା ଏବଂ ତାହାଦ୍ୱାରା ଯେଉଁ କ୍ଷତି ହୋଇଥିଲା, ତାହା ଫେରି ଆସେ । କିନ୍ତୁ ଏବେ ଯଦି ନୂଆ ଘର୍ଷଣ ସୃଷ୍ଟି କରିବ, ତେବେ ପୁଣି ଶକ୍ତି ଚାଲିଯିବ । ଆସିଥିବା ଶକ୍ତି ମଧ୍ୟ ଚାଲିଯିବ ଆଉ ଯଦି ନିଜେ ଘର୍ଷଣ ହେବାକୁ ଦେବା ହିଁ ନାହିଁ, ତେବେ ଶକ୍ତି ଉତ୍ପନ୍ନ ହୋଇଚାଲିବ !

ଏହି ଦୁନିଆରେ ବୈର(ଜନ୍ମ-ଜନ୍ମାନ୍ତର ର ଶତ୍ରୁତା ଭାବ)ରୁ ଘର୍ଷଣ ହୁଏ । ସଂସାରର ମୂଳ ବୀଜ ବୈର ଅଟେ । ଯାହାର ବୈର ଏବଂ ଘର୍ଷଣ- ଏହି ଦୁଇଟି ବନ୍ଦ ହୋଇଗଲା, ତା'ର ମୋକ୍ଷ ହୋଇଗଲା । ପ୍ରେମ ବାଧକ ନୁହେଁ, ବୈର ଯାଏ ତେବେ ପ୍ରେମ ଉତ୍ପନ୍ନ ହୋଇଯାଏ ।

## କମନ୍‌ସେନ୍ସ, ଏଭ୍ରିହ୍ୱେୟାର୍ ଏପ୍ଲିକେବଲ୍

ବ୍ୟବହାର ଶୁଦ୍ଧ ହେବା ପାଇଁ କ'ଣ ଦରକାର ? 'କମନ୍‌ସେନ୍ସ' କମ୍ପ୍ଲିଟ୍ (ପୂର୍ଣ୍ଣ ବ୍ୟବହାରିକ ସମଝ) ଦରକାର । ସ୍ଥିରତା-ଗମ୍ଭୀରତା ଦରକାର । ବ୍ୟବହାରରେ 'କମନ୍‌ସେନ୍ସ'ର ଆବଶ୍ୟକତା ଅଛି । 'କମନ୍‌ସେନ୍ସ' ଅର୍ଥାତ୍ 'ଏଭ୍ରିହ୍ୱେୟାର୍ ଏପ୍ଲିକେବଲ୍' (ସବୁ ଜାଗା କାମରେ ଆସେ) । ସ୍ୱରୂପଜ୍ଞାନ ସହିତ 'କମନସେନ୍ସ' ଥାଏ ତେବେ ବହୁତ ପ୍ରକାଶମାନ ହୁଏ ।

**ପ୍ରଶ୍ନକର୍ତ୍ତା :** 'କମନ୍‌ସେନ୍ସ' କିପରି ପ୍ରକଟ ହୁଏ ?

**ଦାଦାଶ୍ରୀ :** କେହି ପଛେ ଆମ ସହିତ ଘର୍ଷଣ କରୁ କିନ୍ତୁ ଆମେ କାହା ସହିତ ଘର୍ଷଣ କରିବା ନାହିଁ, ଏହିପରି ରହିବା ତେବେ 'କମନସେନ୍ସ' ଉତ୍ପନ୍ନ ହେବ । କିନ୍ତୁ ଆମକୁ କାହା ସହିତ ଘର୍ଷଣ ନକରିବା ଉଚିତ୍, ନଚେତ୍ 'କମନ୍‌ସେନ୍ସ' ଚାଲିଯିବ ! ନିଜ ତରଫରୁ ଘର୍ଷଣ ନହେବା ଉଚିତ୍ ।

ସାମ୍ନାବାଲାର ଘର୍ଷଣ ଦ୍ୱାରା ଆମ ଭିତରେ 'କମନ୍‌ସେନ୍ସ' ଉତ୍ପନ୍ନ ହୁଏ । ଆତ୍ମାର ଏହି ଶକ୍ତି ଏପରି ଅଟେ ଯେ ଘର୍ଷଣ ସମୟରେ କିପରି ବ୍ୟବହାର କରିବା,

ତାହାର ସମସ୍ତ ଉପାୟ ବତାଇଦିଏ ଆଉ ଥରେ ବତାଇବା ପରେ ପୁଣି ସେ ଜ୍ଞାନ ଯାଏ ନାହିଁ । ଏପରି କରୁ କରୁ 'କମନ୍‌ସେନ୍ସ' ବଢ଼ିଚାଲେ । ମୋର କାହା ସହିତ ଘର୍ଷଣ ହେବ ନାହିଁ, କାରଣ ମୋର 'କମନ୍‌ସେନ୍ସ' ଜବରଦସ୍ତ(ବହୁତ ଅଧିକ) ଅଟେ । ଏଥିପାଇଁ ତୁମେ କ'ଣ କହିବାକୁ ଚାହୁଁଛ, ତାହା ମୁଁ ତୁରନ୍ତ ବୁଝିପାରେ । ଲୋକମାନଙ୍କୁ ଏପରି ଲାଗେ ଯେ ଇଏ ଦାଦାଙ୍କର ଅହିତ କରୁଛି, କିନ୍ତୁ ମୋତେ ତୁରନ୍ତ ବୁଝାପଡ଼ିଯାଏ ଯେ ଏହି ଅହିତ, ଅହିତ ନୁହେଁ । ସାଂସାରିକ ଅହିତ ନୁହେଁ ଏବଂ ଧାର୍ମିକ ଅହିତ ମଧ୍ୟ ନୁହେଁ ଆଉ ଆତ୍ମା ସମ୍ବନ୍ଧରେ ତ ଅହିତ ବିଲକୁଲ ବି ନୁହେଁ । ଲୋକମାନଙ୍କୁ ଏପରି ଲାଗେ ଯେ ଆତ୍ମାର ଅହିତ କରୁଛନ୍ତି, କିନ୍ତୁ ମୋତେ ସେଥିରେ ହିତ ଦେଖାଯାଏ । ମାନେ ଏହା ହେଲା 'କମନ୍‌ସେନ୍ସ'ର ପ୍ରଭାବ । ସେଥିପାଇଁ ମୁଁ 'କମନ୍‌ସେନ୍ସ'ର ଅର୍ଥ ଲେଖିଛି ଯେ 'ଏଭ୍ରିହ୍ୱେୟାର୍ ଏପ୍ଲିକେବଲ୍' । ଆଜିର ଜେନେରେଶନ୍ ପାଖରେ 'କମନ୍‌ସେନ୍ସ' ଭଳି ଜିନିଷ ହିଁ ନାହିଁ । ଜେନେରେଶନ୍ ଟୁ ଜେନେରେଶନ୍ 'କମନ୍‌ସେନ୍ସ' କମ୍ ହୋଇଚାଲିଛି ।

ଆମ(ଆତ୍ମ) ବିଜ୍ଞାନ ପ୍ରାପ୍ତ ହେବା ପରେ ମନୁଷ୍ୟ ଏହି ପ୍ରକାର ରହିପାରିବ । ନଚେତ ପୁଣି ସାଧାରଣ ଜନତାଙ୍କ ମଧ୍ୟରୁ କେହି ଜଣେ ଅଧେ ମଣିଷ ଏହି ପ୍ରକାର ରହି ପାରିବେ, ଏପରି ପୁଣ୍ୟଶାଳୀ ଲୋକ ବି ଥାଆନ୍ତି ! କିନ୍ତୁ ସେମାନେ ତ କିଛି ଜାଗାରେ ହିଁ ରହିପାରିବେ, ସବୁ ଜାଗାରେ ରହିପାରିବେ ନାହିଁ ।

**ପ୍ରଶ୍ନକର୍ତ୍ତା :** ସବୁ ଘର୍ଷଣର କାରଣ ଏହା ହିଁ ଅଟେ ନା ଯେ ଗୋଟିଏ ଲେୟର୍ ଠାରୁ ଅନ୍ୟ ଲେୟର୍‌ର ଅନ୍ତର ବହୁତ ଅଧିକ ଅଟେ ?

**ଦାଦାଶ୍ରୀ :** ଘର୍ଷଣ ତ' ପ୍ରଗତି ଅଟେ ! ଯେତିକି ଝଂଝଟ୍ ହେବ, ଘର୍ଷଣ ହେବ, ସେତିକି ଉପରକୁ ଉଠିବାର ମାର୍ଗ ମିଳିବ । ଘର୍ଷଣ ନ ହେବ ତେବେ ସେଇଠିକୁ ସେଇଠି ରହିବ । ଏଥିପାଇଁ ଲୋକେ ଘର୍ଷଣ ଖୋଜନ୍ତି ।

## ଘର୍ଷଣ ଦ୍ୱାରା ପ୍ରଗତିର ପଥରେ

**ପ୍ରଶ୍ନକର୍ତ୍ତା :** ଘର୍ଷଣ ପ୍ରଗତି ପାଇଁ ଅଟେ, ଏପରି ବୁଝିକରି ଖୋଜିଲେ ପ୍ରଗତି ହୁଏ ?

**ଦାଦାଶ୍ରୀ :** କିନ୍ତୁ ସେମାନେ ଏପରି ବୁଝିକରି ଖୋଜନ୍ତି ନାହିଁ । ଭଗବାନ

କେଉଁଠି ଉପରକୁ ଉଠାଉ ନାହାନ୍ତି, ଘର୍ଷଣ ଉପରକୁ ଉଠାଏ । ଘର୍ଷଣ କିଛି ସୀମା ପର୍ଯ୍ୟନ୍ତ ଉପରକୁ ଉଠାଇ ପାରିବ, ପରେ ଜ୍ଞାନୀ ମିଳିବେ, ତେବେଯାଇ କାମ ହେବ । ଘର୍ଷଣ ତ' ପ୍ରାକୃତିକ ରୀତିରେ ହୋଇଥାଏ, ଯେପରି ନଦୀରେ ପଥର ପରସ୍ପର ସହ ବାଡ଼େଇ ହୋଇ ଗୋଲ ହୁଅନ୍ତି ।

**ପ୍ରଶ୍ନକର୍ତ୍ତା :** ଘର୍ଷଣ ଏବଂ ସଂଘର୍ଷଣରେ କ'ଣ ଫରକ ଅଛି ?

**ଦାଦାଶ୍ରୀ :** ଯେଉଁମାନଙ୍କଠାରେ ଜୀବନ ନଥାଏ, ସେମାନେ ଯେବେ ଧକ୍କା ହୁଅନ୍ତି, ସେତେବେଳେ ତାହାକୁ ଘର୍ଷଣ କୁହାଯାଏ ଆଉ ଜୀବନ ଥିଲାବାଲା ଧକ୍କା ହୁଅନ୍ତି ତେବେ ସଂଘର୍ଷଣ ହୁଏ ।

**ପ୍ରଶ୍ନକର୍ତ୍ତା :** ସଂଘର୍ଷ ଦ୍ୱାରା ଆତ୍ମଶକ୍ତି ରୁନ୍ଧ ହୋଇଯାଏ ନା ?

**ଦାଦାଶ୍ରୀ :** ହଁ, ଠିକ କଥା । ସଂଘର୍ଷ ହେଉ, ସେଥିରେ ଅସୁବିଧା ନାହିଁ, 'ମୋତେ ସଂଘର୍ଷ କରିବାର ଅଛି' ଏପରି ଭାବ ବାହାର କରିଦେବାକୁ ମୁଁ କହୁଛି । 'ତୁମକୁ' ସଂଘର୍ଷ କରିବାର ଭାବ ନ ହେବା ଉଚିତ୍, ପୁଣି ଚନ୍ଦୁଲାଲ(ଏଠାରେ ନିଜର ନାମ ବୁଝ) ପଛେ ସଂଘର୍ଷ କରୁ । ଆମର ଭାବ ରୁନ୍ଧ ନହେବା ଉଚିତ ।

## ଘର୍ଷଣ କରାଏ, ପ୍ରକୃତି

**ପ୍ରଶ୍ନକର୍ତ୍ତା :** ଘର୍ଷଣ କିଏ କରାଏ ? ଜଡ଼ ନା ଚେତନ ?

**ଦାଦାଶ୍ରୀ :** ପୂର୍ବର ଘର୍ଷଣ ହିଁ ପୁଣି ଥରେ ଘର୍ଷଣ କରାନ୍ତି । ଜଡ଼ ଅବା ଚେତନର ଏଥିରେ ପ୍ରଶ୍ନ ହିଁ ନାହିଁ । ଆତ୍ମା ଏଥିରେ ହସ୍ତକ୍ଷେପ କରେ ହିଁ ନାହିଁ । ଏହିସବୁ ଘର୍ଷଣ *ପୁଦ୍‌ଗଲ୍* ହିଁ କରାଏ । କିନ୍ତୁ ଯେଉଁ ପୂର୍ବର ଘର୍ଷଣ ଥାଆନ୍ତି, ସେମାନେ ପୁଣିଥରେ ଘର୍ଷଣ କରାନ୍ତି । ଯାହାର ପୂର୍ବ ଘର୍ଷଣ ସବୁ ପୂରା ହୋଇ ସାରିଛି, ତା' ସହିତ ପୁଣି ଘର୍ଷଣ ହୁଏ ନାହିଁ । ନହେଲେ ଘର୍ଷଣ ଉପରେ ଘର୍ଷଣ ଏବଂ ତା'ଉପରେ ଘର୍ଷଣ, ଏହିପରି ବଢ଼ିଚାଲିଥାଏ ।

*ପୁଦ୍‌ଗଲ୍* ମାନେ କ'ଣ, ଯେ ସମ୍ପୂର୍ଣ୍ଣ ଜଡ଼ ନୁହେଁ, ତାହା ମିଶ୍ର ଚେତନ ଅଟେ । ଏହା ବିଭାବିକ *ପୁଦ୍‌ଗଲ୍* କୁହାଯାଏ, ବିଭାବିକ ମାନେ ବିଶେଷ ଭାବରୁ ପରିଣାମ ପ୍ରାପ୍ତ *ପୁଦ୍‌ଗଲ୍*, ସେ ସବୁ କରାଏ । ଯେଉଁ ଶୁଦ୍ଧ *ପୁଦ୍‌ଗଲ୍* ଅଛି, ସେ *ପୁଦ୍‌ଗଲ୍* ଏପରି କରାଏ ନାହିଁ । ଏ *ପୁଦ୍‌ଗଲ୍* ତ ମିଶ୍ର ଚେତନ ହୋଇଛି । ଆତ୍ମାର ବିଶେଷ ଭାବ ଏବଂ ଜଡ଼ର ବିଶେଷ ଭାବ, ଉଭୟ ମିଶି ତୃତୀୟ ରୂପ ହେଲା,

ପ୍ରକୃତି ସ୍ୱରୂପ ହେଲା । ସେ ହିଁ ସବୁ ଘର୍ଷଣ କରାଏ ।

**ପ୍ରଶ୍ନକର୍ତ୍ତା :** ଘର୍ଷଣ ନ ହୁଏ, ତାହାକୁ ପ୍ରକୃତ ଅହିଂସକ ଭାବ ସୃଷ୍ଟି ହେଲା କୁହାଯିବ ?

**ଦାଦାଶ୍ରୀ :** ନା, ଏପରି କିଛି ନୁହେଁ ! କିନ୍ତୁ ଏହି ଦାଦାଜୀଙ୍କଠାରୁ ଜାଣିଲ ଯେ ଏହି କାନ୍ଥ ସହିତ ଘର୍ଷଣ କଲେ ଏତେ ଫାଇଦା( ! ), ତେବେ ଭଗବାନଙ୍କ ସହିତ ଘର୍ଷଣ କରିବାରେ କେତେ ଫାଇଦା ? ! ଏତିକି ବିପଦ ବୁଝିବା ଦ୍ୱାରା ହିଁ ଆମର ପରିବର୍ତ୍ତନ ହୋଇଚାଲିବ ।

ଅହିଂସା ତ' ପୂର୍ଣ୍ଣ ରୂପରେ ବୁଝିହେବ, ଏପରି ନୁହେଁ ଆଉ ପୂର୍ଣ୍ଣ ରୂପରେ ବୁଝିବା ବହୁତ କଠିନ ଅଟେ । ଏହା ବଦଳରେ ଯଦି ଏପରି ଧରିନେଇଥିବ ଯେ 'ଘର୍ଷଣରେ କେବେ ବି ଆସିବାର ନାହିଁ ।' ତେବେ ପୁଣି କ'ଣ ହେବ ନା ଶକ୍ତି ସବୁ ଆରକ୍ଷିତ ହୋଇ ରହିବ ଆଉ ଦିନକୁଦିନ ବଢ଼ି ଚାଲିବ । ପୁଣି ଘର୍ଷଣରୁ ହେଉଥିବା କ୍ଷତି ହେବ ନାହିଁ । କେବେ ଯଦି ଘର୍ଷଣ ହୋଇଯାଏ ତେବେ ଘର୍ଷଣ ପରେ ତୁମର ପ୍ରତିକ୍ରମଣ କରିବା ଦ୍ୱାରା ତାହା ସଫା ହୋଇଯିବ । ଏଥିପାଇଁ ଏହା ବୁଝିବା ଉଚିତ୍ ଯେ ଏଠାରେ ଘର୍ଷଣ ହୋଇଯାଉଛି, ତେବେ ସେଠାରେ ପ୍ରତିକ୍ରମଣ କରିବା ଉଚିତ୍ । ନଚେତ୍ ବହୁତ ବିପଜ୍ଜନକ ଅଟେ । ଏହି ଜ୍ଞାନ ଦ୍ୱାରା ମୋକ୍ଷରେ ତ ଯିବ, ମାତ୍ର ଘର୍ଷଣ କାରଣରୁ ମୋକ୍ଷ ଯିବାବେଳେ ବାଧା ବହୁତ ଆସିବ ଏବଂ ବିଳମ୍ବ ହେବ !

ଏହି କାନ୍ଥ ପାଇଁ ଓଲଟା ବିଚାର ଆସିଲେ ଅସୁବିଧା ନାହିଁ, କାରଣ ଏକପକ୍ଷୀୟ କ୍ଷତି ଅଟେ । ଯେବେକି କୌଣସି ଜୀବିତ ବ୍ୟକ୍ତିକୁ ନେଇ ଗୋଟିଏ ବି ଓଲଟା ବିଚାର ଆସିଲା ତେବେ ବିପଦ ଅଛି । ଉଭୟ ପକ୍ଷରୁ କ୍ଷତି ହେବ । କିନ୍ତୁ ଆମେ ଯଦି ତାହାର ପ୍ରତିକ୍ରମଣ କରିବା ତେବେ ସମସ୍ତ ଦୋଷ ଚାଲିଯିବ । ଏଣୁ ଯେଉଁଠି-ଯେଉଁଠି ଘର୍ଷଣ ହେଉଛି, ସେଠାରେ ପ୍ରତିକ୍ରମଣ କର, ତେବେ ଘର୍ଷଣ ଖତମ ହୋଇଯିବ ।

## ସମାଧାନ, ସମ୍ୟକ୍ ଜ୍ଞାନ ଦ୍ୱାରା ହିଁ

**ପ୍ରଶ୍ନକର୍ତ୍ତା :** ଦାଦାଜୀ, ଏହି ଅହଂକାରର କଥା ଘରେ ମଧ୍ୟ କେତେଥର ଲାଗୁ ହୁଏ, ଅଫିସ୍‌ରେ ଲାଗୁ ହୁଏ, ଦାଦାଜୀଙ୍କ କାମ କରୁଥିବୁ, ସେଥିରେ ମଧ୍ୟ

କେଉଁଠି ଅହଂକାରର ଘର୍ଷଣ ହେଲେ, ସେଠାରେ ମଧ ଲାଗୁ ହୁଏ । ସେଠାରେ ମଧ ସମାଧାନ ଦରକାର ନା ?

**ଦାଦାଶ୍ରୀ :** ହଁ, ସମାଧାନ ଦରକାର ନା ! ଆମର ଏଠି 'ଜ୍ଞାନବାଲା' ସମାଧାନ ନିଏ, କିନ୍ତୁ 'ଜ୍ଞାନ' ନଥିବ ସେଠି କି ସମାଧାନ ନେବ ? ସେଠି ପୁଣି ଦୂରତ୍ୱ ବଢ଼ିଚାଲିବ, ମନ ତା'ଠାରୁ ଅଲଗା ହୋଇଚାଲିବ । ଆମର ଏଠି ଅଲଗା ହୁଏ ନାହିଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଦାଦାଜୀ, ଘର୍ଷଣ(ଝଗଡ଼ା) ନକରିବା ଉଚିତ୍ ନା ?

**ଦାଦାଶ୍ରୀ :** ଘର୍ଷଣ କରନ୍ତି, ତାହା ତ' ସ୍ୱଭାବ ଅଟେ । ଏପରି 'ମାଲ୍' ନେଇ ଆସିଛି, ସେଥିପାଇଁ ଏପରି ହୁଏ । ଯଦି ଏପରି ମାଲ୍ ଆଣିନଥାନ୍ତା ତେବେ ଏପରି ହୁଅନ୍ତା ନାହିଁ, ଅତଃ ଆମକୁ ବୁଝିନେବା ଉଚିତ୍ ଯେ ଭାଇଙ୍କର ଅଭ୍ୟାସ ହିଁ ଏପରି ଅଟେ । ଏହିପରି ଆମେ ବୁଝିବା । ଏହାଦ୍ୱାରା ପୁଣି ଆମ ଉପରେ ପ୍ରଭାବ ହେବ ନାହିଁ । କାରଣ ଅଭ୍ୟାସ ଅଭ୍ୟାସବାଲାର (ପୂର୍ବସଞ୍ଚିତ ସଂସ୍କାରବାଲା ଜୀବର) ଏବଂ 'ଆମେ' ନିଜବାଲା (ଶୁଦ୍ଧାତ୍ମା) ! ଏବଂ ପୁଣି ତାହାର *ନିକାଲ୍* ହୋଇଯାଏ । ତୁମେ ଅଟକି ରହିବ ତେବେ ଝଂଝଟ୍ । ନହେଲେ, ଘର୍ଷଣ ତ' ହୁଏ । ଘର୍ଷଣ ନ ହେବ, ଏପରି ତ ହୁଏ ହିଁ ନାହିଁ । ମାତ୍ର ସେହି ଘର୍ଷଣ ଯୋଗୁଁ ଆମେ ଯେମିତି ପରସ୍ପରଠାରୁ ଅଲଗା ନ ହୋଇଯାଆନ୍ତି, କେବଳ ଏତିକି ଦେଖିବାର ଅଛି । ତାହା ତ ପତି-ପତ୍ନୀଙ୍କ ମଧ୍ୟରେ ବି ହୋଇଥାଏ । କିନ୍ତୁ ସେମାନେ ପୁଣି ଏକାଠି ହିଁ ରୁହନ୍ତି ନା ନାହିଁ ? ! ତାହା ତ ହୁଏ । ଏଥିରେ କାହା ଉପରେ କିଛି ଚାପ ପକାଇନାହିଁ ଯେ, 'ତୁମେ ଘର୍ଷଣ କରିବ ନାହିଁ ।'

**ପ୍ରଶ୍ନକର୍ତ୍ତା :** କିନ୍ତୁ ଦାଦାଜୀ, ଘର୍ଷଣ ନହେଉ ଏପରି ଭାବ ତ ନିରନ୍ତର ରହିବା ଉଚିତ୍ ନା ?

**ଦାଦାଶ୍ରୀ :** ହଁ, ରହିବା ଉଚିତ୍ । ଏହା ହିଁ କରିବାର ଅଛି ନା ! ତାହାର ପ୍ରତିକ୍ରମଣ କରିବାର ଅଛି ଏବଂ ତାହା ପ୍ରତି ଭାବ ରଖିବାର ଅଛି ! ପୁଣି ଯଦି ଏପରି ହୋଇଯାଏ ତେବେ ପୁଣି ପ୍ରତିକ୍ରମଣ କରିବ, କାରଣ ଗୋଟିଏ ପରସ୍ତ ଚାଲିଯିବ, ପୁଣି ଦ୍ୱିତୀୟ ପରସ୍ତ ଚାଲିଯିବ । ଏପରି ପରସ୍ତବାଲା ଅଟେ ନା ? ମୋର ତ ଯେବେ

ଘର୍ଷଣ ହେଉଥିଲା, ସେତେବେଳେ ନୋଟ୍ କରୁଥିଲି ଯେ ଆଜି ଭଲ ଜ୍ଞାନ ପାଇଲି ! ଘର୍ଷଣ ହେଲେ ସ୍ଲିପ କରିଯାଉ ନଥିଲି, ଜାଗୃତ ହିଁ ଜାଗୃତ ରହୁଥିଲି ନା ! ତାହା ଆମ୍ଭର ଭିଟାମିନ୍ ଅଟେ । ଅର୍ଥାତ୍ ଏହି ଘର୍ଷଣରେ ଝଂଝଟ୍ ନାହିଁ । ଘର୍ଷଣ ହୋଇସାରିବା ପରେ ଜଣେ ଅନ୍ୟଠାରୁ ଅଲଗା ନ ହେବା, ତାହା ପୁରୁଷାର୍ଥ ଅଟେ । ଯଦି ସାମ୍ନାବାଲାଠାରୁ ଆମ ମନ ଅଲଗା ହେଉଥିବ, ତେବେ ପ୍ରତିକ୍ରମଣ କରି ରାସ୍ତାକୁ ନେଇ ଆସିବ । ମୁଁ ଏ ସମସ୍ତଙ୍କ ସହିତ କିଭଳି ତାଳମେଳ ରଖୁଥିବି ? ତୁମ ସହିତ ମଧ୍ୟ ତାଳମେଳ ବସୁଛି ନା ବସୁନାହିଁ ? ଏପରି ଅଟେ ଯେ, ଶବ୍ଦରୁ ଘର୍ଷଣ ସୃଷ୍ଟି ହୁଏ । ମୋତେ ବହୁତ କହିବାକୁ ପଡ଼େ, ତଥାପି ଘର୍ଷଣ ହେଉନାହିଁ ନା !

ଘର୍ଷଣ ତ ହୁଏ । ଏହି ବାସନକୁସନ ଘର୍ଷଣ(ପରସ୍ପର ବାଡ଼େଇ ହୋଇ ଶବ୍ଦ କରିବା) କରନ୍ତି ନା ନାହିଁ ? *ପୁଦ୍‌ଗଳ*ର ସ୍ୱଭାବ ହେଉଛି ଘର୍ଷଣ କରିବା । କିନ୍ତୁ ଯଦି ସେପରି 'ମାଲ୍' ଭରି ହୋଇଥିବ, ତେବେ । ଭରି ହୋଇନଥିବ ତେବେ ନୁହେଁ । ମୋର ବି ଘର୍ଷଣ ହେଉଥିଲା କିନ୍ତୁ ଜ୍ଞାନ ହେବା ପରେ ଘର୍ଷଣ ହୋଇନାହିଁ । କାହିଁକିନା ମୋର ଜ୍ଞାନ ଅନୁଭବ ଜ୍ଞାନ ଅଟେ ଏବଂ ମୁଁ ଏହି ଜ୍ଞାନ ଦ୍ୱାରା ସବୁ *ନିକାଲ୍* କରି ଆସିଛି ଆଉ ତୁମର *ନିକାଲ୍* କରିବା ବାକି ଅଛି ।

## ଦୋଷ ଧୋଇହୁଏ, ପ୍ରତିକ୍ରମଣ ଦ୍ୱାରା

କାହା ସହିତ ଘର୍ଷଣରେ ଆସିବା ଦ୍ୱାରା ପୁଣି ଦୋଷ ଦିଶିବାକୁ ଲାଗେ ଆଉ ଘର୍ଷଣରେ ନ ଆସିବା ତେବେ ଦୋଷ ଢାଙ୍କିହୋଇ ରୁହେ । ପ୍ରତ୍ୟେକ ଦିନ ପାଞ୍ଚଶହ-ପାଞ୍ଚଶହ ଦୋଷ ଦିଶିବାକୁ ଲାଗେ ତେବେ ବୁଝିବ ଯେ ପୂର୍ଣ୍ଣାହୁତି ନିକଟତର ହେଉଛି ।

ଏଣୁ ଯେଉଁଠି ଅଛ ସେଇଠୁ ଘର୍ଷଣ ଟାଳ । ଏ ଘର୍ଷଣ କରି ଏହି ଜନ୍ମର ତ ବିଗାଡ଼ନ୍ତି, କିନ୍ତୁ ପରଜନ୍ମର ମଧ୍ୟ ବିଗାଡ଼ନ୍ତି ! ଯେଉଁମାନେ ଏହି ଜନ୍ମର ବିଗାଡ଼ନ୍ତି ସେମାନେ ପରଜନ୍ମର ନ ବିଗାଡ଼ି ରୁହନ୍ତି ହିଁ ନାହିଁ ! ଯାହାର ଏହି ଜନ୍ମ ସୁଧୁରିବ, ତା'ର ପରଜନ୍ମ ସୁଧୁରିଯିବ । ଏହି ଜନ୍ମରେ ଯଦି କୌଣସି ପ୍ରକାରର ବାଧାବିଘ୍ନ ଆସିନାହିଁ ତେବେ ବୁଝିବ ଯେ ପରଜନ୍ମରେ ମଧ୍ୟ ବାଧାବିଘ୍ନ ନାହିଁ । ଆଉ ଏହିଠାରେ

ସମସ୍ୟା ସୃଷ୍ଟି କରିବ, ତେବେ ସେମାନେ ସବୁ ସେଠାରେ ଆସିବେ ହିଁ ଆସିବେ ।

## ତିନି ଜନ୍ମର ଗ୍ୟାରେଣ୍ଟି

ଯାହାର ଘର୍ଷଣ ହେବ ନାହିଁ, ତା'ର ତିନି ଜନ୍ମରେ ମୋକ୍ଷ ହେବ, ତାହାର ମୁଁ ଗ୍ୟାରେଣ୍ଟି ଦେଉଛି । ଯଦି ଘର୍ଷଣ ହୋଇଯାଏ, ତେବେ ପ୍ରତିକ୍ରମଣ କରିନେବ । ଘର୍ଷଣ *ପୁଦ୍‌ଗଲ୍‌ର* ଅଟେ ଏବଂ *ପୁଦ୍‌ଗଲ୍* ସହ *ପୁଦ୍‌ଗଲ୍‌ର* ଘର୍ଷଣ ପ୍ରତିକ୍ରମଣ ଦ୍ୱାରା ନାଶ ହୁଏ ।

ସାମ୍‌ନାବାଲା 'ଭାଗ' କରେ ତେବେ ଆମକୁ 'ଗୁଣା' କରିବା ଉଚିତ୍, ଫଳରେ ହିସାବ ଉଡ଼ିଯାଏ । ସାମ୍‌ନାବାଲା ବ୍ୟକ୍ତି ବିଷୟରେ, 'ସେ ମୋତେ ଏମିତି କହିଲା ସେମିତି କହିଲା' ଏପରି ଭାବିବା, ଏହା ହିଁ ଅପରାଧ । ଏଠି ରାସ୍ତାରେ ଯିବା ସମୟରେ ଯଦି ଗଛ ସହ ଧକ୍କା ହୁଏ ତେବେ ତା' ସହିତ କାହିଁକି ଲଢ଼ନ୍ତି ନାହିଁ? ଗଛକୁ ଜଡ଼ କିପରି କହିବା ? ଯେଉଁମାନେ ଧକ୍କା ଲାଗନ୍ତି, ସେମାନେ ସବୁ ଗଛ ହିଁ ଅଟନ୍ତି । ଗାଈର ପାଦ ଯଦି ଆମ ଉପରେ ପଡ଼େ, ତେବେ ଆମେ କିଛି କୁହନ୍ତି କି ? ସେହିପରି ଏହି ସବୁ ଲୋକମାନଙ୍କ ପାଇଁ ମଧ୍ୟ । 'ଜ୍ଞାନୀପୁରୁଷ' ସମସ୍ତଙ୍କୁ କିପରି କ୍ଷମା କରିଦିଅନ୍ତି ? ସେ ଜାଣନ୍ତି ଯେ, ଏ ବିଚରାମାନେ ବୁଝନ୍ତି ନାହିଁ, ଗଛ ପରି ଅଟନ୍ତି । ଆଉ ସମଝଦାରକୁ ତ କହିବାକୁ ହିଁ ପଡ଼େନାହିଁ, ସେ ତ ଭିତରେ ଭିତରେ ତୁରନ୍ତ ପ୍ରତିକ୍ରମଣ କରିନିଏ ।

## ଯେଉଁଠି ଆସକ୍ତି, ସେଠାରେ ରିଏକ୍ସନ ସୁନିଶ୍ଚିତ

**ପ୍ରଶ୍ନକର୍ତ୍ତା :** କିନ୍ତୁ ଅନେକ ଥର ଆମକୁ ଦ୍ୱେଷ କରିବାର ନଥିବ, ତଥାପି ଦ୍ୱେଷ ହୋଇଯାଏ, ତାହାର କ'ଣ କାରଣ ?

**ଦାଦାଶ୍ରୀ :** କାହା ସହିତ ?

**ପ୍ରଶ୍ନକର୍ତ୍ତା :** ପତୀଙ୍କ ସହିତ ଏପରି ହୁଏ ତେବେ ?

**ଦାଦାଶ୍ରୀ :** ତାହା ଦ୍ୱେଷ କୁହାଯାଏ ନାହିଁ । ଆସକ୍ତିବାଲା ପ୍ରେମ, ସର୍ବଦା ରିଏକ୍ସନାରୀ ହୋଇଥାଏ । ଏଥିପାଇଁ ଯଦି ଚିଡ଼ିଯିବ ତେବେ ପୁଣି ସେ ଓଲଟା ଚାଲିବେ । ଓଲଟା ଚାଲିବେ ତେବେ କିଛି ସମୟ ଦୂରେଇ ରହିବେ ଏବଂ ପୁଣି

ପ୍ରେମର ଜୁଆର ଆସିବ । ଆଉ ପୁଣି ପ୍ରେମରେ ଆଘାତ ଲାଗିଲେ ଘର୍ଷଣ ହେବ । ସେତେବେଳେ ପୁଣି ପ୍ରେମ ବଢ଼େ । ଯେଉଁଠି ଅତ୍ୟଧିକ ପ୍ରେମ ଥାଏ, ସେଠାରେ ଝଗଡ଼ା ହୁଏ । ଅର୍ଥାତ୍ ଯେଉଁଠି ବି ଝଗଡ଼ା ହେଉଥାଏ, ସେଠାରେ ଏହି ଲୋକମାନଙ୍କୁ ଭିତରୁ ପ୍ରେମ ଥାଏ । ସେ ପ୍ରେମ ଥିବ, ତେବେ ଝଗଡ଼ା ହୁଏ । ପୂର୍ବଜନ୍ମର ପ୍ରେମ ଥିବ, ତେବେ ଝଗଡ଼ା ହୁଏ । ଆବଶ୍ୟକତା ଠାରୁ ଅଧିକ ପ୍ରେମ ଅଛି, ନଚେତ୍ ଝଗଡ଼ା ହୁଅନ୍ତା ହିଁ ନାହିଁ ! ଏହି ଝଗଡ଼ାର ସ୍ୱରୂପ ହିଁ ଏପରି ଅଟେ ।

ତାହାକୁ ଲୋକେ କ'ଣ କୁହନ୍ତି ? 'ଘର୍ଷଣ(ଝଗଡ଼ା) ହେଉଛି ବୋଲି ଆମ ଭିତରେ ପ୍ରେମ ଅଛି ।' ତେବେ କଥା ଠିକ୍ ମଧ୍ୟ ଅଟେ, ସେହି ଆସକ୍ତି ଝଗଡ଼ା ହେବା ଯୋଗୁଁ ହିଁ ହୋଇଛି । ଯେଉଁଠି ଝଗଡ଼ା କମ୍ ଥାଏ, ସେଠାରେ ଆସକ୍ତି ନଥାଏ । ଯେଉଁ ଘରେ ସ୍ତ୍ରୀ-ପୁରୁଷ ମଧ୍ୟରେ ଝଗଡ଼ା କମ୍, ସେଠି ଆସକ୍ତି କମ୍ ଅଛି, ଏପରି ବୁଝିନେବ । ବୁଝିପାରିଲା ଭଳି କଥା ଅଟେ ନା ?

**ପ୍ରଶ୍ନକର୍ତ୍ତା :** ସଂସାର ବ୍ୟବହାରରେ କେବେ ଯେଉଁ ଅହମ୍(ଅହଂକାର) ରହିଥାଏ, ତେବେ ତାହା କାରଣରୁ ଚିଙ୍ଗାରି(ନିଆଁ) ବହୁତ ବାହାରେ ।

**ଦାଦାଶ୍ରୀ :** ସେସବୁ ଅହମ୍‌ର ଚିଙ୍ଗାରି ନୁହେଁ । ତାହା ଦେଖାଯାଏ ତ ଅହମ୍‌ର ଚିଙ୍ଗାରି, କିନ୍ତୁ ତାହା 'ବିଷୟ'(ବିକାର)ର ଅଧିନ ଅଟେ । ବିଷୟ ନହେବ, ତେବେ ତାହା ମଧ୍ୟ ହେବ ନାହିଁ । ବିଷୟ ଯଦି ବନ୍ଦ ହୋଇଯିବ, ତାହାପରେ ସେ ସବୁ ଇତିହାସ ହିଁ ବନ୍ଦ ହୋଇଯିବ । ଏଥିପାଇଁ ଯଦି କେହି(ସ୍ୱାମୀ-ସ୍ତ୍ରୀ) ବର୍ଷକ ପାଇଁ ବ୍ରହ୍ମଚର୍ଯ୍ୟ ବ୍ରତର ପାଳନ କରନ୍ତି, ତେବେ ତାଙ୍କୁ ମୁଁ ପଚାରେ । ସେତେବେଳେ ସେମାନେ କୁହନ୍ତି, 'ଜୀବନରେ ତିଳେ ମାତ୍ର ବି କଳି ଝଗଡ଼ା ନାହିଁ, କଚ୍-କଚ୍ ନାହିଁ, ଖିଟ୍-ପିଟ୍ ନାହିଁ, କିଛି ମଧ୍ୟ ନାହିଁ, ଷ୍ଟାଣ୍ଡ ଷ୍ଟିଲ୍ !' ମୁଁ ପୁଣି ପଚାରେ, ମୁଁ ଜାଣେ ଯେ ଏପରି ହୋଇଯାଏ । ଅର୍ଥାତ୍ ତାହା ବିଷୟ କାରଣରୁ ହୋଇଥାଏ ।

**ପ୍ରଶ୍ନକର୍ତ୍ତା :** ପ୍ରଥମେ ତ ମୁଁ ଏପରି ଭାବୁଥିଲି ଯେ ଘରର କାମଦାମ ଯୋଗୁଁ ଘର୍ଷଣ ହେଉଥିବ । କିନ୍ତୁ ଘର କାମରେ ହେଲ୍ପ କଲା ପରେ ମଧ୍ୟ ଘର୍ଷଣ ହେଉଛି ।

**ଦାଦାଶ୍ରୀ :** ସେସବୁ ଘର୍ଷଣ ହେବ ନିଶ୍ଚିତ । ଯେ ପର୍ଯ୍ୟନ୍ତ ଏ ବିକାରୀ ମାମଲା ଅଛି, ସମ୍ବନ୍ଧ ଅଛି, ସେ ପର୍ଯ୍ୟନ୍ତ ଘର୍ଷଣ ହେବ ହିଁ ହେବ । ଘର୍ଷଣର ମୂଳ ହିଁ ଏହା ଅଟେ । ଯିଏ ବିଷୟକୁ ଜିତିଗଲା, ତା'କୁ କେହି ହରାଇ ପାରିବ ନାହିଁ । କେହି

ତା'ର ନାଁ ମଧ୍ୟ ନେଇ ପାରିବ ନାହିଁ । ତା'ର ପ୍ରଭାବ ପଡ଼େ ।

## ଘର୍ଷଣ, ସ୍ଥୂଳରୁ ସୂକ୍ଷ୍ମତ୍ତମ ପର୍ଯ୍ୟନ୍ତ

**ପ୍ରଶ୍ନକର୍ତ୍ତା :** ଆମର ବାକ୍ୟ ହେଉଛି ଯେ, 'ଘର୍ଷଣ ଟାଳନ୍ତୁ' ଏହି ବାକ୍ୟର ଆରାଧନ କରିଚାଲିବୁ ତେବେ ସିଧା ମୋକ୍ଷରେ ପହଞ୍ଚାଇବ । ସେଥିରେ ସ୍ଥୂଳ ଘର୍ଷଣ ଟାଳିବ, ପୁଣି ଧିରେ-ଧିରେ ବଢ଼ି-ବଢ଼ି ସୂକ୍ଷ୍ମ ଘର୍ଷଣ, ସୂକ୍ଷ୍ମତର ଘର୍ଷଣ ଟାଳନ୍ତୁ', ତାହା କିପରି ? ଏହା ବୁଝାନ୍ତୁ ।

**ଦାଦାଶ୍ରୀ :** ତା'କୁ ରାସ୍ତା(ଉପାୟ) ମିଳିଚାଲେ । ଯେମିତି ଯେମିତି ଆଗକୁ ବଢ଼ି ଚାଲିବ ନା ତେବେ କାହାକୁ ଶିଖାଇବାକୁ ପଡ଼ିବ ନାହିଁ, ଆପେ ଆପେ ହିଁ ଆସିଯାଏ । ଏହି ଶବ୍ଦ ହିଁ ଏପରି ଯେ ସିଧା ମୋକ୍ଷକୁ ନେଇଯାଏ ।

ଦ୍ୱିତୀୟ ସୂତ୍ର- 'ଯିଏ ଭୋଗେ ତା'ର ଭୁଲ', ଏହା ମଧ୍ୟ ମୋକ୍ଷରେ ନେଇଯିବ । ଏହି ଗୋଟିଏ-ଗୋଟିଏ ଶବ୍ଦ ମୋକ୍ଷକୁ ନେଇଯିବେ । ଏହାର ମୁଁ ଗ୍ୟାରେଣ୍ଟି ଦେଉଛି ।

**ପ୍ରଶ୍ନକର୍ତ୍ତା :** ସେହି ସାପର, ଖୁଣ୍ଟର ଉଦାହରଣ ଦେଲେ ତାହା ତ' ସ୍ଥୂଳ ଘର୍ଷଣର ଉଦାହରଣ ଅଟେ । ପୁଣି ସୂକ୍ଷ୍ମ, ସୂକ୍ଷ୍ମତର, ସୂକ୍ଷ୍ମତ୍ତମର ଉଦାହରଣ ଦିଅନ୍ତୁ । ସୂକ୍ଷ୍ମ ଘର୍ଷଣ କିପରି ହୁଏ ?

**ଦାଦାଶ୍ରୀ :** ତୋର ଫାଦର୍(ପିତା)ଙ୍କ ସହିତ ଯାହା ହେଉଛି, ସେ ସବୁ ସୂକ୍ଷ୍ମ ଘର୍ଷଣ ଅଟେ ।

**ପ୍ରଶ୍ନକର୍ତ୍ତା :** ସୂକ୍ଷ୍ମ ଅର୍ଥାତ ମାନସିକ ? ବାଣୀ ଦ୍ୱାରା ହୁଏ, ତାହା ମଧ୍ୟ ସୂକ୍ଷ୍ମରେ ଯିବ ?

**ଦାଦାଶ୍ରୀ :** ତାହା ସ୍ଥୂଳରେ । ଯାହା ସାମ୍ନାବାଲାକୁ ଜଣା ନ ପଡ଼େ, ଯାହା ଦେଖାଯାଏ ନାହିଁ, ସେ ସବୁ ସୂକ୍ଷ୍ମରେ ଆସେ ।

**ପ୍ରଶ୍ନକର୍ତ୍ତା :** ସେହି ସୂକ୍ଷ୍ମ ଘର୍ଷଣ କିପରି ଟାଳିବୁ ?

**ଦାଦାଶ୍ରୀ :** ପ୍ରଥମେ ସ୍ଥୂଳ, ପୁଣି ସୂକ୍ଷ୍ମ, ତା'ପରେ ସୂକ୍ଷ୍ମତର ଆଉ ଶେଷରେ ସୂକ୍ଷ୍ମତ୍ତମ ଘର୍ଷଣ ଟାଳିବାର ଅଛି ।

**ପ୍ରଶ୍ନକର୍ତ୍ତା :** ସୂକ୍ଷ୍ମତର ଘର୍ଷଣ କାହାକୁ କୁହାଯାଏ ?

**ଦାଦାଶ୍ରୀ :** ତୁମେ କାହାକୁ ମାରୁଥିବ ଆଉ ଏହି ଭାଇ ଜ୍ଞାନରେ ଦେଖନ୍ତି ଯେ 'ମୁଁ ଶୁଦ୍ଧାତ୍ମା ଅଟେ, ଏହା 'ବ୍ୟବସ୍ଥିତ ଶକ୍ତି' ମାରୁଛି', ଏହିପରି ଦେଖନ୍ତି, କିନ୍ତୁ

ମନରେ ଯଦି କିଞ୍ଚିତ୍‌ମାତ୍ର ବି ଦୋଷ ଦେଖନ୍ତି ତେବେ ତାହା ସୂକ୍ଷ୍ମତର ଘର୍ଷଣ ଅଟେ ।

**ପ୍ରଶ୍ନକର୍ତ୍ତା :** ଆଉଥରେ କୁହନ୍ତୁ, ଠିକ୍‌ରେ ବୁଝି ହେଲାନି ।

**ଦାଦାଶ୍ରୀ :** ଏ ଯେଉଁ ତୁମେ ସବୁଲୋକଙ୍କର ଦୋଷ ଦେଖ ନା ! ତାହା ସୂକ୍ଷ୍ମତର ଘର୍ଷଣ ।

**ପ୍ରଶ୍ନକର୍ତ୍ତା:** ଅର୍ଥାତ୍ ଅନ୍ୟର ଦୋଷ ଦେଖିବା, ତାହା ସୂକ୍ଷ୍ମତର ଘର୍ଷଣ ?

**ଦାଦାଶ୍ରୀ :** ଏପରି ନୁହେଁ, ନିଜେ ସ୍ଥିର କରିଥିବ ଯେ ଅନ୍ୟର ଦୋଷ ବିଲକୁଲ ନାହିଁ ଆଉ ତଥାପି ଦୋଷ ଦେଖାଯାଏ, ତାହା ସୂକ୍ଷ୍ମତର ଘର୍ଷଣ । କାରଣ ସେ ଶୁଦ୍ଧାତ୍ମା ଅଟେ ଏବଂ ଦୋଷ ଅଲଗା ଅଟେ ।

**ପ୍ରଶ୍ନକର୍ତ୍ତା :** ତେବେ ତାହାକୁ ହିଁ ଆପଣ ମାନସିକ ଘର୍ଷଣ କହିଛନ୍ତି ?

**ଦାଦାଶ୍ରୀ :** ସେହି ମାନସିକ ତ ସବୁ ସୂକ୍ଷ୍ମରେ ଗଲା ।

**ପ୍ରଶ୍ନକର୍ତ୍ତା :** ତେବେ ଏହି ଦୁହିଁଙ୍କ(ସୂକ୍ଷ୍ମ ଏବଂ ସୂକ୍ଷ୍ମତର) ମଧ୍ୟରେ ଫରକ(ଭେଦ) କେଉଁଠି ପଡ଼େ ?

**ଦାଦାଶ୍ରୀ :** ଏହା ତ ମନଠାରୁ ବି ଉପରର କଥା ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ଏହି ସୂକ୍ଷ୍ମତର ଘର୍ଷଣ ଅଛି, ସେହି ସମୟରେ ସୂକ୍ଷ୍ମ ଘର୍ଷଣ ମଧ୍ୟ ସାଥିରେ ଥିବ ନା ?

**ଦାଦାଶ୍ରୀ :** ଏହା ଆମକୁ ଦେଖିବାର ନାହିଁ ! ସୂକ୍ଷ୍ମ ଅଲଗା ଏବଂ ସୂକ୍ଷ୍ମତର ଅଲଗା । ସୂକ୍ଷ୍ମତମ ତ ଅନ୍ତିମ କଥା ଅଟେ ।

**ପ୍ରଶ୍ନକର୍ତ୍ତା :** ଥରେ ସତ୍‌ସଙ୍ଗରେ ହିଁ ଏପରି କହିଥିଲେ ଯେ ଚନ୍ଦୁଲାଲ ସହିତ ତନ୍ମୟାକାର ହେବା, ତାହା ସୂକ୍ଷ୍ମତମ ଘର୍ଷଣ କୁହାଯାଏ ।

**ଦାଦାଶ୍ରୀ :** ହଁ, ସୂକ୍ଷ୍ମତମ ଘର୍ଷଣ ! ତାହାକୁ ଟାଳିବ । ଭୁଲରେ ବି ତନ୍ମୟାକାର ହେଲ, ପୁଣି ପରେ ଜଣାପଡ଼େ ନା ଯେ, ଏହା ଭୁଲ ହୋଇଗଲା ।

**ପ୍ରଶ୍ନକର୍ତ୍ତା :** ତେବେ ସେ ଘର୍ଷଣକୁ ଟାଳିବାର ଉପାୟ କେବଳ ପ୍ରତିକ୍ରମଣ ହିଁ ଅଟେ ନା ଆଉ କିଛି ମଧ୍ୟ ଅଛି ?

**ଦାଦାଶ୍ରୀ :** ଅନ୍ୟ କିଛି ହତିୟାର ହିଁ ନାହିଁ । ଏ ଆମର ନଅ କଲମ, ସେସବୁ ମଧ୍ୟ ପ୍ରତିକ୍ରମଣ ହିଁ ଅଟେ । ଅନ୍ୟ କିଛି ହତିୟାର ନାହିଁ । ଏହି ଦୁନିଆରେ ପ୍ରତିକ୍ରମଣ ବ୍ୟତୀତ ଅନ୍ୟ କୌଣସି ସାଧନ ନାହିଁ । ତାହା ଉଚ୍ଚତମ ସାଧନ ଅଟେ ।

କାରଣ ସଂସାର ଅତିକ୍ରମଣରୁ ଛିଡ଼ା ହୋଇଛି ।

**ପ୍ରଶ୍ନକର୍ତ୍ତା :** ଏହା ତ କେତେ ବିସ୍ମୟକାରକ ଅଟେ ! 'ଯାହା ହେଲା ତାହା ନ୍ୟାୟ', 'ଯିଏ ଭୋଗେ ତା'ର ଭୁଲ', ଏହି ଯେଉଁ ବାକ୍ୟ, ତାହା ଗୋଟିଏ-ଗୋଟିଏ ଅଦ୍ଭୂତ ବାକ୍ୟ ଅଟେ । ଆଉ ଦାଦାଜୀଙ୍କ ସାକ୍ଷୀରେ ଯଦି ପ୍ରତିକ୍ରମଣ କରୁ, ତେବେ ତାହାର ସ୍ପନ୍ଦନ ଅବଶ୍ୟ ପହଁଞ୍ଚେ ।

**ଦାଦାଶ୍ରୀ :** ହଁ, ଠିକ୍ କଥା । ସ୍ପନ୍ଦନ ତୁରନ୍ତ ହିଁ ପହଞ୍ଚି ଯାଏ ଏବଂ ତାହାର ପରିଣାମ ଆସେ । ଆମକୁ ଭରସା ହୁଏ ଯେ ଏହା ପ୍ରଭାବ ହେଲା ଲାଗୁଛି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଦାଦାଜୀ, ପ୍ରତିକ୍ରମଣ ତ ଏତେ ତୁରନ୍ତ ହୋଇଯାଉଛି, ସେହିକ୍ଷଣୀ ! ଏହା ତ' ଗଜବ ଅଟେ, ଦାଦାଜୀ !! ଏ ଦାଦାଜୀଙ୍କର କୃପା ଗଜବ ଅଟେ !!!

**ଦାଦାଶ୍ରୀ :** ହଁ, ଏହା ଗଜବ ଅଟେ । ସାଇଣ୍ଟିଫିକ୍ ଜିନିଷ ଅଟେ ।

- **ଜୟ ସଚ୍ଚିଦାନନ୍ଦ**

# ପ୍ରାପ୍ତିସ୍ଥାନ

## ଦାଦା ଭଗବାନ ପରିବାର

**ଅଡ଼ାଲଜ** : ତ୍ରିମନ୍ଦିର, ସୀମନ୍ଧର ସିଟୀ, ଅହମଦାବାଦ-କଲୋଲ ହାଇୱେ, ପୋଷ୍ଟ-ଅଡ଼ାଲଜ, ଜିଲ୍ଲା-ଗାନ୍ଧୀନଗର, ଗୁଜରାଟ-୩୮୨୪୨୧, ଫୋନ-(୦୭୯)୩୯୮୩୦୧୦୦

**ରାଜକୋଟ** : ତ୍ରିମନ୍ଦିର, ଅହମଦାବାଦ-ରାଜକୋଟ ହାଇୱେ, ତରଘଡ଼ିୟା ଚୋକଡ଼ି(ସର୍କଲ), ପୋ-ମାଲିୟାସଣ, ଜିଲ୍ଲା-ରାଜକୋଟ, ଫୋନ-୯୨୭୪୧୧୧୩୯୩

**ଭୁଜ୍** : ତ୍ରିମନ୍ଦିର, ହିଲ୍ ଗାର୍ଡେନ ପଛ,ଏୟାରପୋର୍ଟ ରୋଡ଼, (୦୨୮୩୨) ୨୯୦୧୨୩

**ଗୋଧ୍ରା** : ତ୍ରିମନ୍ଦିର, ଭାମେୟା ଗାଁ, ଏକ୍ସିଆଇ ଗୋଡାଉନ୍ ସାମନା, ଗୋଧ୍ରା I (ଜି-ପଞ୍ଚମହାଲ) ଫୋନ-(୦୨୬୭୨) ୨୬୨୩୦୦

**ମୋର୍ବୀ** : ତ୍ରିମନ୍ଦିର, ମୋରବୀ-ନବଲଖି ହାଇୱେ, ପୋ:ଜୟପୁର, ଜିଲ୍ଲା-ରାଜକୋଟ, ଫୋନ-(୦୨୮୨୨)୨୯୭୦୯୭

**ଅମ୍ରେଲୀ** : ତ୍ରିମନ୍ଦିର, ଲିଲିୟା ରୋଡ, ବାଇପାସ ଚୋକଡି, ଖାରାବାଡି, ୯୯୨୪୩୪୪୪୬୦

**ସୁରେନ୍ଦ୍ରନଗର** : ତ୍ରିମନ୍ଦିର, ସୁରେନ୍ଦ୍ରନଗର-ରାଜକୋଟ ହାଇୱେ, ଲୋକ ବିଦ୍ୟାଳୟ ପାଖ, ମୂଳି ରୋଡ, ୯୮୭୯୨୩୨୮୭୭

**ଅହମଦାବାଦ**:ଦାଦା ଦର୍ଶନ, ୫, ମମତାପାର୍କ ସୋସାଇଟୀ, ନବ ଗୁଜରାଟ କଲେଜ ପଛ, ଉସ୍ମାନପୁରା, ଅହମଦାବାଦ-୩୮୦୦୧୪, ଫୋନ-(୦୭୯)୨୭୫୪୦୪୦୮

**ବଡ଼ୋଦରା** : ଦାଦା ମନ୍ଦିର, ୧୭, ମାମା କି ପୋଲ-ମୁହଲ୍ଲା, ରାବପୁରା ପୋଲିସ ଷ୍ଟେସନ ପାଖ, ସଲାଟ ୱାଡ଼ା, ବଡ଼ୋଦରା, ୯୯୨୪୩୪୩୩୩୫

**ମୁମ୍ବାଇ:**୯୩୨୩୫୨୮୯୦୧, **ବାଙ୍ଗାଲୋର:**୯୫୯୦୯୭୯୦୯୯, **କୋଲକତା:**୦୩୩-୩୨୯୩୩୮୮୫, **ଜଲନ୍ଧର:**୯୮୧୪୦୬୩୦୪୩, **ଜୟପୁର:**୯୩୫୧୪୦୮୨୮୫, **ହାଇଦ୍ରାବାଦ:**୯୯୮୯୮୭୭୭୮୬, **ଇନ୍ଦୋର:**୯୮୯୩୫୪୫୩୫୧, **ଅମରାବତୀ:**୯୪୨୨୯୧୫୦୬୪, **ରାୟପୁର:**୯୩୨୯୫୨୩୭୩୭, **ଭିଲାଈ:**୯୮୨୭୪୮୧୩୩୬, **ଦିଲ୍ଲୀ:**୯୮୧୦୦୯୮୫୬୪, **ଭୋପାଲ୍:**୯୪୨୫୦୨୪୪୦୫, **ଚେନ୍ନାଇ:**୯୩୮୦୧୫୯୯୫୭ **ଓଡିଶା:**୮୭୬୩୦୭୩୧୧୧

**www.dadabhagwan.org**
**Email : info@dadabhagwan.org**



## ଘର୍ଷଣ ଟାଳନ୍ତୁ

ଯେପରି ରାସ୍ତାରେ ଆମେ ଜାଗୃତିପୂର୍ବକ ଚାଲୁଛେ ନା ! ପରେ ସାମ୍ନାବାଲା ବ୍ୟକ୍ତି ପଛେ କେତେ ବି ଖରାପ ହୋଇଥାଉ, ଆମ ସହିତ ଧକ୍କା ହୋଇଯାଏ ଆଉ କ୍ଷତି ପହଞ୍ଚାଏ, ତାହା ଅଲଗା କଥା । କିନ୍ତୁ ଆମର ଉଦ୍ଦେଶ୍ୟ କ୍ଷତି ପହଞ୍ଚାଇବାର ନ ହେବା ଉଚିତ୍ । ଆମେ ତା'କୁ କ୍ଷତି ପହଞ୍ଚାଇବାକୁ ଯିବା, ତେବେ ଏଥିରେ ନିଜର ହିଁ କ୍ଷତି ହେବ । ଅର୍ଥାତ କୌଣସି ବି ଘର୍ଷଣରେ ସର୍ବଦା ଉଭୟଙ୍କର ହିଁ କ୍ଷତି ହୋଇଥାଏ । ତୁମେ ସାମ୍ନାବାଲାକୁ ଦୁଃଖ ପହଞ୍ଚାଇବ ତେବେ ସାଥେ ସାଥେ, ସେହିକ୍ଷଣି ତୁମକୁ ମଧ୍ୟ ଦୁଃଖ ନ ପହଞ୍ଚି ରହିବ ହିଁ ନାହିଁ । ଏହା ଅଟେ ଘର୍ଷଣ ।

ସେଥିପାଇଁ ମୁଁ ଏହି ଉଦାହରଣ ଦେଇଛି ଯେ ରାସ୍ତାରେ ଟ୍ରାଫିକ ଧର୍ମ କ'ଣ କୁହେ ଯେ ଧକ୍କା ହେବ ତେବେ ତୁମେ ମରିଯିବ, ଧକ୍କା ହେବାରେ ବିପଦ ଥାଏ । ଏଥିପାଇଁ କାହା ସହିତ ଧକ୍କା ହେବ ନାହିଁ । ସେହିପରି ବ୍ୟବହାରିକ କାର୍ଯ୍ୟରେ ମଧ୍ୟ ଘର୍ଷଣରେ ପଡ଼ନ୍ତୁ ନାହିଁ । ଘର୍ଷଣ ଟାଳନ୍ତୁ ।

-ଦାଦାଶ୍ରୀ

dadabhagwan.org

ISBN 978-93-85912-92-4

9 789385 912924

Printed in India

Price ₹10